## ଏନଏସ୍ଏସ୍ ଶିବିରରେ ୨୫ସ୍ୱେଚ୍ଛାସେବୀ

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶୀତକାଳୀନ ଶିବିର ନିକଟସ୍ଥ କର୍ଲିପାଟ ଗ୍ରାମରେ ଅନୁଷ୍ଠିତ ହେଉଛି। କଲେଜ ଅଧକ୍ଷ ଗୋବିନ୍ଦ ସାହୁ ଶିବିର ଉଦ୍ଘାଟନ କରିଥିଲେ। ଏନ୍ଏସ୍ଏସ୍ର କାର୍ଯ୍ୟକ୍ରମ ଅଧିକାରୀ ଜଗମୋହନ ଦର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୫ଜଣ ସ୍ୱେଚ୍ଛାସେବୀ ଶିବିରରେ ଅଂଶଗ୍ରହଣ କରିଛନ୍ତି। ଜିଲା କାର୍ଯ୍ୟକ୍ରମ ଅଧିକାରୀ ହେମନ୍ତ କୁମାର ମଲ୍ଲିକ, ପ୍ରାଧାପକ ବିବେକାନନ୍ଦ ମିଶ୍ର ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। କୋଭିଡ୍-୧୯, ନିଶା ନିବାରଣ, ସ୍ୱଚ୍ଛ ଭାରତ ଅଭିଯାନ, ନାରୀ ନିର୍ଯାତନା, ରକ୍ତଦାନ, ବୃକ୍ଷରୋପଣ ଏବଂ ଏଡ୍ସ ଉପରେ ସ୍ୱେଚ୍ଛାସେବୀମାନେ ନୃତ୍ୟ, ଗୀତ ଓ ନାଟକ ମାଧମରେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

**ସଂକ୍ଷେପରେ**

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍ଘାଟନ



ଟିଟିଲାଗଡ଼,୮।୧ (ଡି.ଏନ.ଏ.): ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନୀ ସାହୁ ଟିଟିଲାଗଡ ପୌରାଞ୍ଚଳର ବିଭିନ୍ନ ମହିଳା ଗୋଷ୍ଠୀଙ୍କୁ ୩କୋଟି ଟଙ୍କାର କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏଥିସହ ମନ୍ତ୍ରୀ ସାହୁ ଶନିବାର ଡିଏଭି ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟ ଅଟକଳରେ ଟାଉନ ହଲ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ଟାଉନ ହଲର ପରିଚାଳନା ପାଇଁ ମହାବିଦ୍ୟାଳୟ ଅଧକ୍ଷ ତଥା ପୌର ନିର୍ବାହୀ ଅଧିକାରୀଙ୍କ ଏକ ଯୁଗ୍ମ ବ୍ୟାଙ୍କ ଜମା ଖାତା କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ମନ୍ତ୍ରୀ ୫୦ ଲକ୍ଷ ଟଙ୍କ ବ୍ୟୟ ଅଟକଳରେ ମିଶନ ଶକ୍ତି ଗୃହ ମହିଳାଙ୍କୁ ଭେଟି ଦେଇଛନ୍ତି। ସେହିପରି ସହର ୱାର୍ଡ ନମ୍ବର ୧୨ ଝାଙ୍କର ପଡାରେ ନବନିର୍ମିତ ପରିଚୟ ଗୃହକୁ ମନ୍ତ୍ରୀ ଉଦ୍ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ, ପଞ୍ଚାୟତ ସମିତି ଅଧକ୍ଷା ରମାକାନ୍ତି ପୁଟେଲ, ଡିଏଭି ସ୍ୱଂୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ମେଜର ଡ. ମଧୁସୂଦନ ମିଶ୍ର, ଅଧାପକ ବିଧାନ ମିଶ୍ର ଉପସ୍ଥିତ ଥିଲେ।

## ନବ ନିର୍ମିତ ଦେଢସୁଲି ପଞ୍ଚାୟତ ଗୃହ ଉଦ୍ଘାଟିତ

ମୋହନଗିରି,୮।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଦୁର୍ଗମ ଦେଢସୁଲି ଗ୍ରାମପଞ୍ଚାୟତ ନବ ନିର୍ମିତ ଗୃହ ଆଜି ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ଶୁକଦେବ ସାହୁ ଯୋଗଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଅଞ୍ଚଳରେ ଗମନାଗମନ ପାଇଁ ସ୍ଥାୟୀ ରାସ୍ତା ନ ଥିବା ବେଳେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ବି କୌଣସି ଉନ୍ନତି ହୋଇନାହିଁ। ଏଥିପ୍ରତି ବିଧାୟକ ଦୃଷ୍ଟି ଦେବା ପାଇଁ ସେ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ମ. ରାମପୁର ବିଡିଓ ଉତ୍ତମ କୁମାର ବାଗ, ସ୍ଥାନୀୟ ସରପଞ୍ଚ ଅର୍ଣ୍ଣ ମାଝି, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଶତପଥି, ସିଂହପୁର ସରପଞ୍ଚ ବିଦ୍ୟାଧର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଧବଳେଶ୍ୱର ମହାବିଦ୍ୟାଳୟ ସାମାଜିକ ବିଜ୍ଞାନ ଅଧାପକ ଲକ୍ଷ୍ମୀକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ୩୫ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ଏହି ଗୃହ ପଞ୍ଚାୟତବାସୀଙ୍କ ଉନ୍ନତି ପାଇଁ ପ୍ରମୁଖ ଭୂମିକା ନିଭାଇବ ବୋଲି ମତପ୍ରକାଶ ପାଇଛି।

## ବ୍ଲକ ଅଫିସ ଘେରିଲା ଆଦିବାସୀ ସଂଘ

କଣ୍ଟାବାଞ୍ଜି, ୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର କୌଣସି ଗୋଟିଏ ପଞ୍ଚାୟତରେ ସରପଞ୍ଚ, ବ୍ଲକ ଅଧକ୍ଷ, ଜିଲାର ୧୪ ବ୍ଲକ ଏବଂ ଜିଲା ପରିଷଦ ଅଧକ୍ଷ ପଦରେ ଆଦିବାସୀଙ୍କୁ ସଂରକ୍ଷଣ ଦିଆଯାଇନାହିଁ। ଏହାର ପ୍ରତିବାଦ କରି ଶନିବାର ତୁରେକେଲା ବ୍ଲକ ଆଦିବାସୀ ସଂଘ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲା। ଖରିଆର ବ୍ଲକର ପୂର୍ବତନ ଅଧକ୍ଷ ବାଳକୃଷ୍ଣ ଶବର, ତୁରେକେଲା ବ୍ଲକ ଶାଖା କାର୍ଯ୍ୟକାରୀ ସଭାପତି ନରୋତ୍ତମ ମାଝି, ନାରୀନେତ୍ରୀ ଖେଲନ୍ତି ସମରଥଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଶୋଭାଯାତ୍ରାରେ ବିକ୍ଷୋଭସ୍ଥଳକୁ ଆସିଥିଲେ। ପରେ ବିଡିଓ ଦେବାଶିଷ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଥାନା ଅଭ୍ୟର୍ଥନା ଗୃହ ଉଦ୍ଘାଟିତ



କଣ୍ଟାବାଞ୍ଜି, ୮।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜ ଥାନା ପରିସରରେ ନିର୍ମିତ ଅଭ୍ୟର୍ଥନା ଗୃହକୁ ଶନିବାର ବିଧାୟକ ସନ୍ତୋଷ ସିଂ ସାଲୁଜା ଉଦ୍ଘାଟନ କରିଛନ୍ତି। ସ୍ଥାନୀୟ ଆଇଆଇସି ସତ୍ୟଜିତ କନ୍ଦନକେଲଙ୍କ ସହ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ଅନୁଦାନରୁ ୫ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ ହୋଇଛି।

# ଆତ୍ମବିଶ୍ୱାସର ସହ ଶ୍ରେଷ୍ଠତ୍ୱ ପ୍ରତିପାଦିତ କର

ବଲାଙ୍ଗୀର ଅଫିସ, ୮।୧

ଆୟୁର୍ବେଦର ବିଶାଳ କ୍ଷେତ୍ର ରହିଛି। ଏଲୋପାଥି ଚିକିତ୍ସା ବିଫଳ ହେବା ପରେ ଆୟୁର୍ବେଦରେ ରୋଗୀଙ୍କୁ ନୂଆ ଜୀବନ ପ୍ରଦାନ କରିଥିବାର ଅନେକ ନଜିର ରହିଛି। ଆୟୁର୍ବେଦ ଚିକିତ୍ସାକୁ ନେଇ ନିରୁତ୍ସାହିତ ହେବାର ନାହିଁ। ନିଷ୍ଠାର ସହ ଆୟୁର୍ବେଦ ଚିକିତ୍ସା ଓ ଗବେଷଣା କଲେ ସଫଳତା ନିଶ୍ଚୟ। ଏଣୁ ଆତ୍ମବିଶ୍ୱାସର ସହ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିବାକୁ ବଲାଙ୍ଗୀର ସରକାରୀ ଆୟୁବେଦ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଆର୍ୟୁ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ କହିଛନ୍ତି।

ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟ ଉତ୍ସବରେ ବିଧାୟକ ମିଶ୍ରଙ୍କ ସହ ମୁଖ୍ୟବକ୍ତା ଭାବେ ଭୀମ ଭୋଇ ମେଡିକାଲ କଲେଜର ଅଧିକ୍ଷକ ଡା ମହେନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥି ଆସିଷ୍ଟାଣ୍ଡ କଲେକ୍ଟର ଗୁରେଶ୍ୱର ଭୋଇ ମଞ୍ଚାସୀନ ହୋଇଥିଲେ। ମୁଖ୍ୟବକ୍ତା ଡା ନାୟକ ଅଭିଭାଷଣରେ ରୋଗୀ ସେବା ଉପରେ ଗୁରୁତ୍ୱାରୋପ କରି କରୋନା ମହାମାରୀ ସମୟରେ ଡାକ୍ତରମାନଙ୍କ ଭୂମିକା ଉପରେ କହିଥିଲେ। ସମ୍ମାନିତ ଅତିଥି ଭୋଇ ତାଙ୍କ ବକ୍ତବ୍ୟରେ ଆୟୁର୍ବେଦ ଉପରେ ଅଧିକ ଗବେଷଣା ଓ ଭିତ୍ତିଭୂମି ଉନ୍ନତି ଦିଗରେ କାର୍ଯ୍ୟକରିବା ପରେ କହିଥିଲେ। ମଞ୍ଚରେ ଛାତ୍ର ସଂସଦ ମୁଖ୍ୟ ଉପଦେଷ୍ଟା ଡା ସୀମାଦ୍ରୀ ଭୂଷଣ ନାୟକ, ଛାତ୍ର ସଂସଦ ସଭାପତି ଡା. ସନ୍ତୋଷ ଧଳ, ସାଧାରଣ ସମ୍ପାଦକ ଡା ରୋଶନ୍ ଦାଶ ମଞ୍ଚାସୀନ ଥିଲେ। ଅତିଥିମାନେ ମହାବିଦ୍ୟାଳୟ ମୁଖପତ୍ର ଆୟୁଷସ୍କାମ୍କୁ ଉନ୍ମୋଚିତ କରିଥିଲେ। ଲିପ୍ସା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବିଭିନ୍ନ ବର୍ଷର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସକାଳେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ପରିସରରେ ଦ୍ୱିଦିବସୀୟ ସ୍ୱାସ୍ଥ୍ୟସେବା ଶିବିର, ଆହାର ପର୍ବକୁ ବିଧାୟକ ମିଶ୍ର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଅଧକ୍ଷ ଦାସଙ୍କ ସହ ବରିଷ୍ଠ ଡା. ଜ୍ୟୋତି ରଞ୍ଜନ ମେହେର, ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ମୁଖ୍ୟ ଡା.ଗଣେଶ କୁମାର ମେହେର, ଛାତ୍ର ସଂସଦ ସଦସ୍ୟ, ସମସ୍ତ ବିଭାଗର ମୁଖ୍ୟ, ସମସ୍ତ ଚିକିତ୍ସକ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ମିଶ୍ର ନବନିର୍ମିତ ଖୋଲା ମଞ୍ଚ ମଧ ଉଦ୍ଘାଟନ କରିଥିଲେ।



ଆୟୁର୍ବେଦିକ କଲେଜର ଆର୍ୟୁ ଉତ୍ସବରେ ଅତିଥିମାନେ ମୁଖପତ୍ର ଆୟୁଷସ୍କାମ୍କୁ ଉନ୍ମୋଚନ କରୁଛନ୍ତି।

**ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଆର୍ୟୁ ଉତ୍ସବ**

## କାନକୁଟ୍ରୁ ଅଞ୍ଚଳରେ ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବିପତ୍ର

ଲାଞ୍ଜିଗଡ଼,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ କାନକୁଟ୍ରୁ ପଞ୍ଚାୟତରେ ୧୪ଟି ରାଜସ୍ୱ ଗ୍ରାମ ଥିବାବେଳେ ଆଜି ପର୍ଯ୍ୟନ୍ତ ପଞ୍ଚାୟତ ଅଞ୍ଚଳକୁ ମୋବାଇଲ ସେବା ସମ୍ଭବ ହୋଇପାରିନାହିଁ। ଏଥିଯୋଗୁ ବିଭିନ୍ନ ସରକାରୀ ଯୋଜନା ହିତାଧିକାରୀମାନଙ୍କ ପାଖରେ ପହଞ୍ଚି ପାରୁ ନ ଥିବାବେଳେ ଏହାକୁ ନେଇ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଶୁକ୍ରବାର କାନକୁଟ୍ରୁ ଅଞ୍ଚଳବାସୀ ଲାଞ୍ଜିଗଡ ଆସି ବିଡିଓଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାମାଜିକ କର୍ମୀ ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ କାନକୁଟ୍ରୁ ପଞ୍ଚାୟତ ଅଞ୍ଚଳର ମଧୁସୂଦନ ମାଝି, କୈଳାସ ସାହୁ, ରୂପି ମାଝି, ଟିକେଧର ମାଝି, ପାଇକୁ ବାଗ, ଗଉର ବିଭାର, ତପିମଣି ବିଭାର, ରାଜେଶ ମାଝି, ଦୁରେନ୍ଦ୍ର ବିଭାର, ସୋମନାଥ ବିଶି ପ୍ରମୁଖ ବିଡିଓଙ୍କୁ ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

## ବଡ଼ଟିକାକୁ ହରାଇ ଲରମ୍ବାମୁଣ୍ଡା ଚାମ୍ପିୟନ



ଚାମ୍ପିୟନ ଲରମ୍ବାମୁଣ୍ଡା ଦଳକୁ ମୁଖ୍ୟଅତିଥି ପୁରସ୍କୃତ କରୁଛନ୍ତି।

ଲୋଇସିଂହା, ୮।୧(ଡି.ଏନ.ଏ.)

**ଖେଳପଡିଆ ଉଦ୍ଘାଟନ ଅବସରରେ କ୍ରିକେଟ ମ୍ୟାଚ**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ଅନ୍ତର୍ଗତ ସାନଟିକା ଗ୍ରାମରେ ଏମ୍ଜିଏନ୍ଆରଇଜିଏସ୍ରେ ନିର୍ମିତ ଖେଳପଡିଆ ଉଦ୍ଘାଟିତ ହୋଇଯାଇଛି। ବ୍ଲକ ଉପାଧକ୍ଷ ମନମୋହନ ପଟେଲ ଅତିଥିଭାବେ ଯୋଗଦେଇ ପ୍ରକଳ୍ପ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଏକ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳ ବଡ଼ଟିକା ଓ ଲରମ୍ବାମୁଣ୍ଡା ମଧ୍ୟରେ ହୋଇଥିଲା। ୩ ଓଭରବିଶିଷ୍ଟ ଖେଳରେ ଲରମ୍ବାମୁଣ୍ଡା ପ୍ରଥମେ ବ୍ୟାଟିଂ କରି ୨୭ ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ଟିକା ନିର୍ଦ୍ଧାରିତ ଓଭରରେ ୧୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବ୍ଲକ ଉପାଧକ୍ଷ ପଟେଲ, ସରପଞ୍ଚ ଶୈଳସୁତା ବିଶ୍ୱାଳ, ନାଏକ ସରପଞ୍ଚ ଦୁଃଖନାଶନ ନାଏକ, ବାବଲୁ ନାୟକ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୫ ହଜାର ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୫ଶହ ଟଙ୍କା ଦେଇ ପୁରସ୍କୃତ କରିଥିଲେ।

# ମିଲ୍ ମାଲିକଙ୍କ ମର୍ଜିରେ ଚାଲିଛି ଧାନକିଣା

**ରାଜ୍ୟ କିଷାନ କଂଗ୍ରେସର ମଣ୍ଡି ପରିଦର୍ଶନ**

ବଲାଙ୍ଗୀର ଅଫିସ/ ଲୋଇସିଂହା/ଦେଓଗାଁ, ୮।୧ (ଡି.ଏନ.ଏ.)



କିଶାନ କଂଗ୍ରେସ ପକ୍ଷରୁ ବଲାଙ୍ଗୀର ସାମ୍ବାଦିକ ଭବନ ଠାରେ ଖବରଦାତା ସମ୍ମିଳନୀ କରାଯାଉଛି।

ରାଜ୍ୟ କିଶାନ କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକଙ୍କ ନେତୃତ୍ୱରେ କିଶାନ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଧାନକିଣା ସ୍ଥିତି ତଦାରଖ କରିଥିଲେ। ଯୋଗୀସର୍ଡା ପ୍ୟାକ୍ସ ପରିଦର୍ଶନ କାଳରେ ଏଫଏକ୍ୟୁ ମେଶିନ ଉପଲବ୍ଧ ନଥିବା ଜାଣି କ୍ଷୋଭ ପ୍ରକାଶ କରିଥିଲେ। ଚାଷୀ ସର୍ବେଶ୍ୱର ପଧାନ ମଣ୍ଡିରେ କ୍ଷୁଦ୍ରଚାଷୀ ଧାନ ବିକ୍ରିରେ ହଟହଟା ହେଉଥିବା ଏବଂ ବ୍ରଜ ପଧାନ ଜରି କିମ୍ବା ଅଖା ବସ୍ତାର ପ୍ରାପ୍ୟ ମିଳୁ ନ ଥିବା କହିଥିଲେ। ଦେଓଗାଁ ପ୍ୟାକ୍ସରେ ଧାନମିଲରୁ ଗାଡିଭଡା ଓ ବସ୍ତା ଖର୍ଚ୍ଚ ମିଳୁ ନ ଥିବା ଜାଣି ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଥିଲେ। କଛାରପାଲିର କ୍ଷିରୋଦ୍ର ରଣା ବହଲିଛକ ନିକଟସ୍ଥ ଜୟ ହନୁମାନ ରାଇସ୍ ମିଲରେ ବାଧ୍ୟତାମୂଳକ ଭାବେ ୫କେଜି କଟନି କରୁଥିବା ନେଇ କମିଟି ଦୃଷ୍ଟି ଆକର୍ଷଣ କରିଥିଲେ। ଅନେକ ଚାଷୀ ନିଜ ଫାର୍ମହାଉସରେ ଧାନ ଗଚ୍ଛିତ ରଖିଥିବା ସ୍ଥଳେ ସ୍କ୍ୱାଡ ଘରକୁ ଯାଇ ତଦନ୍ତ କରି ପଦକ୍ଷେପ ନେବା କେତେଦୂର ଯୁକ୍ତିଯୁକ୍ତ ବୋଲି କୁତୁର୍ଲାରେ ଚାଷୀମାନେ ଅଭିଯୋଗ କରିଥିଲେ।

ଅପରାହ୍ଣରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜିଲା କିଶାନ ସେଲ ସଭାପତି ସାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ କିଶାନ ସେଲ ଅଧକ୍ଷ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ତଥା ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ରାଜ୍ୟ କିଶାନ ସେଲ ଉପସଭାପତି ଚଗଲା ପରିଚ୍ଛା ମଞ୍ଚାସୀନ ଥିଲେ। ପ୍ରତିନିଧି ମଣ୍ଡଳୀରେ ଉପରୋକ୍ତ ପଦାଧିକାରୀଙ୍କ ସହ ସମ୍ପାଦକ ସରୋଜ ରଥ, ସେବାଦଳ ଅଧକ୍ଷ ଅସିତ ମିଶ୍ର, ଲଳିତ ପଟେଲ, ଗଗନ ନାଥ, କାନ୍ତେଶ୍ୱର ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ଉପସ୍ଥିତ ଥିଲେ। ରାଜ୍ୟ ସଭାପତି ପଟ୍ଟନାୟକ ଏହି ଜିଲା ସମେତ ସମଗ୍ର ରାଜ୍ୟରେ ଧାନକିଣା ବିପର୍ଯ୍ୟସ୍ତ ହୋଇପଡିଛି ବୋଲି କହିଥିଲେ। ମିଲ ମାଲିକଙ୍କ ମର୍ଜିରେ ଧାନକିଣା ଚାଲିଛି ବୋଲି ସେ କହିଥିଲେ। ସମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ କଂଗ୍ରେସ ଚାଷୀଙ୍କ ସହ ଆନ୍ଦୋଳନ ଓ ନ୍ୟାୟ ପାଇଁ ଲଢେଇ ଜାରି ରଖିବ ବୋଲି କହିଥିଲେ। ଗତ ଜିଲାସ୍ତରୀୟ ଧାନକିଣା ମିଟିଂରେ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ମଣ୍ଡିରେ ସିସି ଟିଭି କ୍ୟାମେରା ଲାଗିବା କଥା। ମିଲର୍ସ କିମ୍ବା ତାଙ୍କର କୌଣସି ପ୍ରତିନିଧି ଧାନକିଣା ଜାଗାରେ ଉପସ୍ଥିତ ରହିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଦୁଃଖର କଥା ମିଲର୍ସମାନଙ୍କ ଦୟାରେ ହିଁ ଧାନ କିଣା ହେଉଛି ଏବଂ ଏହି ଅସାଧୁ ମେଣ୍ଟକୁ ଲୁଚାଇବା ପାଇଁ ଧାନକିଣା କେନ୍ଦ୍ରରେ ଲାଗିଥିବା ସିସି ଟିଭି କ୍ୟାମେରାକୁ ବିଭାଗୀୟ ଅଧିକାରୀମାନେ ଅକାମୀ କରି ରଖୁଛନ୍ତି ବୋଲି ମିଶ୍ର କହିଥିଲେ।

## ରିଞ୍ଜା ମଣ୍ଡିରୁ ବେଆଇନ ୧୧୨ ବସ୍ତା ଧାନ ଜବତ

କର୍ଲାମୁଣ୍ଡା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପ୍ୟାକ୍ସ ଅଧୀନ ରିଞ୍ଜା ମଣ୍ଡିରେ ବେନାମୀ ଚାଷୀଙ୍କ ଧାନ ଆଣି ବିକ୍ରି କରାଯାଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ଏ ନେଇ ପ୍ରଶାସନ ପକ୍ଷରୁ ବେଆଇନ ଧାନ ଧରିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ବିଶେଷ କରି ତହସିଲଦାର ବାସନ୍ତି ସେଠୀ ଏ ଦିଗରେ ଅଧିକ ଧ୍ୟାନ ଦେବା ସହ ଏପରି ବେଆଇନ ଧାନ ଯେପରି ସ୍ଥାନୀୟ ମଣ୍ଡିଗୁଡିକୁ ନ ଆସେ ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ପ୍ରଶାସନ ପକ୍ଷରୁ ଚଢ଼ାଉ କରି ବେଆଇନ ଭାବେ ଥିବା ୧୧୨ ବସ୍ତା ଧାନ ଜବତ କରାଯାଇଛି। ଏହା ପରେ ମଣ୍ଡିଗୁଡିକ ଅସାଧୁ ଉପାୟରେ ପରିଚାଳିତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଶନିବାର ଏଭଳି ବାହାରୁ ୧୧୨ବସ୍ତା ଧାନ ଆଣି କେହି ଜଣେ କର୍ଲାମୁଣ୍ଡା ପ୍ୟାକ୍ସ ଅଧୀନ ରିଞ୍ଜା ମଣ୍ଡିରେ ପକାଇବା ବେଳେ ସ୍ଥାନୀୟ ଚାଷୀ ଏହା ଜାଣିପାରି ଗାଡିକୁ ଅଟକାଇବାକୁ ଉଦ୍ୟମ କରିଥିଲେ। ଖବର ପାଇ କଳାହାଣ୍ଡି ମୁଖ୍ୟାଳୟ ସହକାରୀ ଜିଲା ଯୋଗାଣ ଅଧିକାରୀ ଧୁମରାମ ମୁର୍ମୁ, ଭବାନୀପାଟଣା ପୌରପାଳିକା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲ, କେସିଙ୍ଗା ଯୋଗାଣ ନିରୀକ୍ଷକ ସୁଶାନ୍ତ ସ୍ୱାଇଁ ଓ କର୍ଲାମୁଣ୍ଡା ଯୋଗାଣ ନିରୀକ୍ଷକ ଶାନ୍ତାକାର ପଧାନ ମଣ୍ଡିରେ ପହଞ୍ଚିଥିଲେ। ତେବେ ଏହା ପୂର୍ବରୁ ଉକ୍ତ ଧାନ ଆଣିଥିବା ବ୍ୟକ୍ତି ଚକମା ଦେଖାଇ ଧାନ ସବୁ ମଣ୍ଡିରେ ଓହ୍ଲାଇ ଗାଡି ଧରି ଫେରାର ହୋଇଥିଲେ। ତେବେ ଅଧିକାରୀମାନେ ସେହି ୧୧୨ ବସ୍ତା ଧାନକୁ ଜବତ କରିଥିଲେ। ଏ ନେଇ ସ୍ଥାନୀୟ ତହସିଲଦାର ବାସନ୍ତି ସେଠୀଙ୍କୁ ପଚାରିବାରୁ ଚାଷୀମାନଙ୍କ ଅଭିଯୋଗ କ୍ରମେ ମୁଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲି, ଯୋଗାଣ ବିଭାଗ ପକ୍ଷରୁ ଅଧିକାରୀମାନେ ଉପସ୍ଥିତ ରହି ଧାନ ଜବତ କରିଥିଲେ ହେଁ ଧାନଗୁଡିକ କାହାର ଜଣାପଡିନାହିଁ ବୋଲି କହିଛନ୍ତି।

## ବୋଡେନରେ ୨୬ କରୋନା ପଜିଟିଭ୍

ବୋଡେନ,୮।୧(ଡି.ଏନ.ଏ.)

ନୂଆପଡା ଜିଲା ବୋଡେନରେ ଶନିବାର ୨୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ସଂଘରୋଧରେ ରଖାଯିବା ସହିତ କଣ୍ଟାକ୍ଟ ଟ୍ରେସିଂ, ଟେଷ୍ଟିଂ ଓ ଟିଟମେନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡାକ୍ତର ସଞ୍ଜୀବ ନାୟକ ପ୍ରକାଶ କରିଛନ୍ତି। ବୋଡେନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ତଥ୍ୟ ଅନୁସାରେ ନିୟମିତ ପରୀକ୍ଷା ସମୟରେ ଶନିବାର ବୋଡେନରେ ୨୬ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି।

## କ୍ରିକେଟ ଟୁର୍ନାମେଣ୍ଟ: କାଉଡୋଲା ଚାମ୍ପିୟନ

କୋକସରା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁମୁଡାମୁଣ୍ଡା ବାବା ଧବଳେଶ୍ୱର ମିନିଷ୍ଟାଡିୟମଠାରେ ଚାଲିଥିବା ମା' ମାଉଳି କ୍ଲବ ଦ୍ୱାରା ଆୟୋଜିତ ଗ୍ରିନ୍ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଦର୍ଲିପଡ଼ାକୁ ହରାଇ କାଉଡୋଲା ଚାମ୍ପିୟନ ହୋଇଛି। କାଉଡୋଲା ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ଦର୍ଲିପଡା ୧୦ ଓଭରରେ ୬ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ମାତ୍ର ୨ ରନରେ ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବର ମୁଖ୍ୟଅତିଥି ଭାବେ କାଉଡୋଲା ସରପଞ୍ଚ ଜମୁବତୀ ସାହୁ, ସମ୍ମାନିତ ଅତିଥି ଅଧାପକ ଅଇରୀ ନାଶନ ଚିନ୍ଦା, ସମିତି ସଭ୍ୟ ସାଧୁ ବେମାଲ, ଗଣେଷ ସତନାମୀ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ କାଉଡୋଲର ପିଣ୍ଟୁ କୋଟିଆ ଓ ମ୍ୟାନ ଅଫ୍ ଦି ସିରିଜ୍ ଦର୍ଲିପଡାର କେଶବ ମାଝିଙ୍କୁ ପ୍ରଦାନ କରାଯାଇଛି। ଫାଇନାଲ ଖେଳରେ ଅମ୍ପାୟର ଅରୁଣ ନାଏକ ଓ ଲକ୍ଷ୍ମୀ ମାଝି ପରିଚାଳନା କରିଥିଲେ। ସ୍କୋରର ଦାୟିତ୍ୱରେ ଗୌରହରି ରଣା ରହିଥିବା ବେଳେ ପିଣ୍ଟୁ ନାଗ ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ ସଭାପତି ଗୋଲାପ ନାଏକ, ଉପସଭାପତି ଅନିଲ ନାଏକ, ପ୍ରସନ ପାତ୍ର, ବବଲୁ ପାତ୍ରଙ୍କ ସମେତ ଅନୁଷ୍ଠାନ ସଦସ୍ୟମାନେ ସହଯୋଗ କରିଥିଲେ।

## ଗଳ୍ପ ଭାଗ୍ୟର ଭାଗ୍ୟଫଳ ଲୋକାର୍ପିତ

ନୂଆପଡ଼ା ଅଫିସ,୮।୧



ନୂଆପଡା ଜିଲା ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟଠାରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର ସଞ୍ଜୟ ଶତପଥିଙ୍କ ଦ୍ୱାରା ଯୁବ ଗାଳ୍ପିକା ଡ.ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ପ୍ରଥମ ଗଳ୍ପ ସଂକଳନ 'ଭାଗ୍ୟର ଭାଗଫଳ'ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀ, ପ୍ରାଧ୍ୟାପକ ପ୍ରମୋଦ କୁମାର ସାହୁ, ହରେକୃଷ୍ଣ ମିଶ୍ର, ତରୁଣ କୁମାର ପ୍ରଧାନ, ଚନ୍ଦ୍ରଶେଖର ଚନ୍ଦ୍ରକାର, ସୁନୀଲ କୁମାର ପାଢୀ, ଆଶୁତୋଷ ଯୋଶୀ, ନୂଆପଡା ଜିଲା ଓ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ଏନ୍ଏସ୍ଏସ୍ କୋର୍ଡିନେଟର ସନ୍ତୋଷ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗଳ୍ପରେ ନୂଆପଡା ଜିଲାର ଜନଜୀବନ, ଜୀବନ ଶୈଳୀ, ପ୍ରଥା ପରମ୍ପରା, ଲୋକ ସଂସ୍କୃତି ଆଦି ସ୍ଥାନ ପାଇଛି। ଏହି ଗଳ୍ପ ପାଠକ ମହଲରେ ବେଶ ଆଦୃତ ହେବ ବୋଲି ଗାଳ୍ପିକା ଡ. ପ୍ରୟମ୍ବଦା ଆଶା ରଖିଛନ୍ତି।

## ଜୁନାଗଡ ହାଇସ୍କୁଲକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କ ପରିଦର୍ଶନ

ଜୁନାଗଡ,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶନିବାର ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଟେମଲାଲ ଦୁବେ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ମୋ ସ୍କୁଲ ଅଭିଯାନର ବିଭିନ୍ନ ପ୍ରକଳ୍ପ ସମୀକ୍ଷା କରିବା ସହ ଏହି କାର୍ଯ୍ୟର ଅଗ୍ରଗତି ଉପରେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ବୈଠକରେ ଆଲୋଚନା କରିଥିଲେ। ଜୁନାଗଡ ହାଇସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବିଇଓ ଅରିଫା ସୁଲତାନା, ମୋ ସ୍କୁଲ ଅଭିଯାନ ଜିଲା ସଂଯୋଜକ ସୁକାନ୍ତ ସାହୁ, ସ୍ଥାନୀୟ ମୋ ସ୍କୁଲ ଅଭିଯାନ ସଭାପତି ସନ୍ତୋଷ କୁମାର ସିଂଦେଓ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଲ୍ଲିକ, ସହକାରୀ ଶିକ୍ଷକ ସୁଧିର ବେହେରା, ପୁରାତନ ଛାତ୍ର କୁବେଲଶ୍ୱର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୫ ଆଦିବାସୀ ପରିବାରକୁ ପରିବା ବିହନ ବଣ୍ଟନ

ନୂଆପଡ଼ା ଅଫିସ,୮।୧

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟରେ ଅବସ୍ଥିତ ସୋସେଙ୍ଗ, ମିଛାପାଲି ଓ ସିଆଲଟି ପଞ୍ଚାୟତର ସୋସେଙ୍ଗ, ରୁପିଆମ, ଖୋଲିଗାଁ, ମଖାଗାଁ, ହଲୁଆପାଲି ଭଳି ଆଦି ଗାଁରେ ଦି ୱାରିୟର ଫାଉଣ୍ଡେଶନ ପକ୍ଷରୁ ୧୦୫ଜଣ ଆଦିବାସୀ ପରିବାରକୁ ପରିବା ବିହନ ପ୍ରଦାନ କରାଯାଇଛି। ଫାଉଣ୍ଡେଶନ ପକ୍ଷରୁ ଘରକୁ ଘର ବୁଲି ପରିବା ବିହନ ବଣ୍ଟନ କରିବା ସହିତ ପରିବା ଚାଷ କରିବା ପାଇଁ ସଚେତନ କରିଥିଲେ। ଏହିକ୍ରମରେ ପରିବା ବିହନ ରୋପଣ ପାଇଁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ରାମ ପ୍ରସାଦ ମଲ୍ଲିକ ପରିଚାଳନା କରିଥିଲେ।

# ଫୁଟ୍ବଲ ଟୁର୍ନାମେଣ୍ଟ: ବଙ୍କାପଲାକୁ ଟାଇଟଲ

କୋକସରା,୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ପଦରଭଟା ସିର୍ଲିଗୁଡା ଖେଳ ପଡ଼ିଆରେ ଚାଲିଥିବା ଟେମରା କପ୍ ଫୁଟ୍ବଲ ଟୁର୍ନାମେଣ୍ଟ ଶନିବାର ଉଦ୍ଯାପିତ ହୋଇଯାଇଛି। ଝାରକୁଣ୍ଡାମାଲ ବନାମ ବଙ୍କାପଲା ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ବଙ୍କାପଲା ଦଳ ୨-୦ ଗୋଲ ସ୍କୋର କରି ବିଜେତା ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ତାପସ ଦାସ, ଶିବ ଦୁର୍ଗା ଓ ଅଖିଳ ପଟେଲ ଖେଳ ପରିଚାଳନା କରିଥିଲେ। ଖେଳ ଧାରାବିବରଣୀ ହୃଷୀକେଶ ଦୁର୍ଗା, ଜୟସନ ନାଏକ କରିଥିଲେ। ଫାଇନାଲରେ ମୁଖ୍ୟଅତିଥି ଭାବେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଧର୍ମଗଡ଼ ବିଧାୟକ ମୌଷଧି ବାଗ, ବିଜେଡି ନେତା ବଦ୍ରି ନାରାୟଣ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ଗୌରୀ ଦଳପତି, ମୁଖ୍ୟବକ୍ତା ସମିତି ସଭ୍ୟ ରାଜେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜେଡି ବ୍ଲକ ସଭାପତି ସୁଶାନ୍ତ ବେହେରା, ହେମନ୍ତ ବାଣୁଆ, ଦୁଷନ୍ତ ପାତ୍ର, କ୍ଷିତିରାମ ପାତ୍ର, ପ୍ରସନ୍ନ ଦଳପତି, ଅଲେଖ ଗୋପାଳ, ଜଗବନ୍ଧୁ ମାଝି ଉପସ୍ଥିତ ରହିଥିଲେ। ପରିଚାଳନା କମିଟି ସଭାପତି ଜନ୍ମେଜୟ ଦଳପତି, ରୂପେନ୍ଦ୍ର ଦଳପତି, ବିରଞ୍ଚି ରଣା, ଶମ୍ଭୁ ମାଝି, ଆଶିଷ ମାଝି, କିଶୋର ଦଳପତି ପ୍ରମୁଖ ସଦସ୍ୟ ଫାଇନାଲ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଖେଳାଳିମାନେ।

## ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଫେରାର

ବୌଦ୍ଧ/ପୁରୁଣାକଟକ,(ସ୍ୱ.ପ୍ର./ଡି.ଏନ.ଏ.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ବଜାରରେ ଶନିବାର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି । ପ୍ରକାଶ ଯେ, ପୁରୁଣାକଟକ ଥାନା ଅଧୀନ କୃଷ୍ଣପାଲିର ସତ୍ୟାନନ୍ଦ ସାହୁ ଚାରିଛକ ବଜାରର ସାପ୍ତାହିକ ହାଟରେ ସଉଦା କିଣୁଥିବା ବେଳେ ନିଜ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହିତ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଉତ୍ୟକ୍ତ ହୋଇ ସତ୍ୟାନନ୍ଦଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏନେଇ ସେ ପୁରୁଣାକଟକ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ପୁରୁଣାକଟକ ଥାନା ଅଧିକାରୀ ଜ୍ୟୋତ୍ସ୍ନା କାଉଁରାଙ୍କୁ ପଚାରିବାରେ ଏନେଇ ମାମଲା ହୋଇଛି । ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

**ସଂକ୍ଷେପରେ**

## ୨ ରାସ୍ତାର ଶିଳାନ୍ୟାସ କଲେ ଅର୍ଥମନ୍ତ୍ରୀ

ତରଭା,୮।୧(ଡି.ଏନ.ଏ): ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଶନିବାର ତରଭା ବ୍ଲକରେ ୨ଟି ରାସ୍ତାରେ ଶିଳାନ୍ୟାସ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୮ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀରୁ ଭୂରାଡ ରାସ୍ତା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭ କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ପାଣିମୁରାରୁ ତରଭା ରାସ୍ତା ନିର୍ମାଣ ହେବ। ଏହି ଓସାରିଆ ରାସ୍ତା ନିର୍ମାଣ ଫଳରେ ଅଞ୍ଚଳବାସୀ ସହଜରେ ବ୍ଲକ ଓ ଜିଲା ମୁଖ୍ୟାଳୟକୁ ଯାତାୟତ କରି ପାରିବେ ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ପୂଜାରୀଙ୍କ ସମେତ ତରଭା ବିଡିଓ ବିନୟ ପଟେଲ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ୍ୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ବୈକୁଣ୍ଠନାଥ ଷଡଙ୍ଗୀ ଓ ଜିଲା ପରିଷଦ ସଭ୍ୟ ସରୋଜ କର୍ଣ୍ଣ ପ୍ରମୁଖ ଏହି ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଥିଲେ।

## ରାତିସାରା ସେତୁବାଡାରେ ଝୁଲି ରହିଲା ଟ୍ରକ



ସୋନପୁର/କନ୍ଧମାଳ,୮।୧(ଡି.ଏନ.ଏ/ନି.ପ୍ର.): ସୋନପୁର ସହର ଉପକଣ୍ଠ ବୌଦ୍ଧ ଜିଲା ମନମୁଣ୍ଡା ତେଲନଦୀ ସେତୁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାତି ସାରା ଟ୍ରକ୍‌ଟି ସେତୁ ବାଡାରେ ଝୁଲି ରହିଥିଲା। ତେବେ ଟ୍ରକ୍‌ର ଡ୍ରାଇଭର ଓ ହେଲପର ବର୍ତ୍ତି ଯାଇଛନ୍ତି । ଟମାଟୋ ବୋଝେଇ ଉକ୍ତ ଟ୍ରକ୍ ରାୟପୁରରୁ ବୁଗୁଡା ଯାଉଥିଲା। ଡ୍ରାଇଭରଙ୍କ ଅସାବଧାନତା କାରଣରୁ ସେତୁ ମଝିରେ ଦୁର୍ଘଟଣା ଘଟି ଟ୍ରକ୍‌ଟି ତଳକୁ ଅଧା ଝୁଲି ରହିଥିଲା । ଫଳରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ ହୋଇଥିଲା। ଶନିବାର ସକାଳେ କ୍ରେନ୍ ସାହାଯ୍ୟରେ ଟ୍ରକ୍‌କୁ ବାହାର କରାଯାଇଥିଲା। ମନମୁଣ୍ଡା ଆଇଆଇସି ଗୋପିନାଥ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ।

## କୃଷକ ସଙ୍ଗଠନ ସହ ମନ୍ତ୍ରୀଙ୍କ ଆଲୋଚନା

ପଦ୍ମପୁର,୮।୧(ଡି.ଏନ.ଏ): ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ ଶୁକ୍ରବାର ପଦ୍ମପୁର ଡ଼ାକବଙ୍ଗଳାରେ ରାଜବୋଡାସମ୍ବର କୃଷକ ସଙ୍ଗଠନର ଚାଷୀମାନଙ୍କ ସହ କୃଷିବୀମା ବିଭ୍ରାଟ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ନିର୍ଦ୍ଧାରିତ ସମୟରେ ଚାଷୀମାନେ ବୀମା ପ୍ରିମିୟମ ଭରିଥିଲେ ମଧ କମ୍ପାନୀ ବୀମାକୁ ରଦ୍ଦ କରୁଥିବାରୁ ଚାଷୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ। କମ୍ପାନୀର ଏଭଳି କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆସନ୍ତା ୧୦ ତାରିଖରେ କମ୍ପାନୀ ଅଧିକାରୀଙ୍କ ଉପସ୍ଥିତିରେ ସଚିବ ସ୍ତରୀୟ ବୈଠକ କରି ସମସ୍ୟା ସମାଧାନ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥି, ରୋହିତ ପ୍ରଧାନ, ବିଜୟ ସାହୁ, ଦହିତ ସାହୁ, ମୁକ୍ତେଶ୍ୱର ପଟେଲ, ବିରେନ ପ୍ରଧାନ, ରାହାସ ସାହୁ, କୈଳାଶ ବାରିକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

## ଜୟ ଜଗନ୍ନାଥ ଫୁଟବଲ: ପଞ୍ଚରା ଓ କନ୍ଧରିଆପଡ଼ା ବିଜୟୀ

ବାଉଁଶୁଣୀ,୮।୧(ଡି.ଏନ.ଏ.): ବୌଦ୍ଧ ଜିଲା ଅଁଳାପାଲି ପଞ୍ଚାୟତ ଦନ୍ତାପାଲି ଖେଳପଡ଼ିଆ ଠାରେ ଶନିବାର ଗାନ୍ଧିଜୀ ୟୁଥ କ୍ଳବ ତରଫରୁ ୨୮ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପଞ୍ଚରା ତେନ୍ତୁଲିପାଲି ମଧରେ ଖେଳ ହୋଇଥିଲା । ପଞ୍ଚରା ଦଳ ଟାଇବ୍ରେକର ସାହାଯ୍ୟରେ ୭-୬ ଗୋଲରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ କନ୍ଧରିଆପଡା ଓ ଗାନ୍ଧିଜୀ ସ୍ପୋର୍ଟିଙ୍ଗ ମଧରେ ହୋଇଥିଲା। କନ୍ଧରିଆପଡା ଦଳ ଟାଇବ୍ରେକର ସାହାଯ୍ୟରେ ୩-୨ ଗୋଲରେ ବିଜୟୀ ହୋଇଥିଲେ । ରେଫରି ଭାବରେ ଅଭିଳାଷ ସାହୁ ଥିବା ବେଳେ ଏସ. ମହାରଣା, ବିକାଶ କୁମାର ସାହୁ ଖେଳ ପରିଚାଳନା କରିଥିଲେ। କ୍ଲବର ସଭାପତି ମୀନକେତନ ନାଏକ, ସମ୍ପାଦକ ସିପୁନ ନାଏକଙ୍କ ସମେତ ଗାନ୍ଧିଜୀ ୟୁଥ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଚିନ୍ତା ବଢ଼ାଇଲା ହାତୀ ଉପଦ୍ରବ

■ରାତିରେ ଆଶ୍ରମ ଛାତ ଉପରେ ରହୁଛନ୍ତି ୫ ପରିବାର
■ଭୟରେ ସିଂଘିଯୁବା ସଂରକ୍ଷିତ ଜଙ୍ଗଲତଳି ୩ ପଞ୍ଚାୟତବାସୀ

ବିନିକା,୮।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ରେଞ୍ଜ ସିଂଘିଯୁବା ସଂରକ୍ଷିତ ଜଙ୍ଗଲତଳି ୩ ପଞ୍ଚାୟତରେ ଗତ ୧୦ଦିନ ହେଲା ହାତୀ ଉପଦ୍ରବ ଦେଖାଦେଇଛି। ସିଂଘିଯୁବା, ଭଣ୍ଡାର, ସିନ୍ଦୂରପୁର ପଞ୍ଚାୟତରେ ହାତୀପଲ ଧାନ ଓ ପରିବା ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରି ପକାଉଛନ୍ତି। କମିରା ଓ ପାପୀ ଗ୍ରାମର ଆନନ୍ଦ ନଗରରେ ରହୁଥିବା କେତେକଙ୍କ ଚାଳ ଛପର ଘରକୁ ଭାଙ୍ଗି ପକାଇଛନ୍ତି ହାତୀପଲ। ବନ ବିଭାଗର ହାତୀ ଘଉଡାଇବା କାର୍ଯ୍ୟ ଲୋକଙ୍କୁ ଆଶ୍ୱସ୍ତ କରିପାରୁନାହିଁ।

ଶୁକ୍ରବାର ରାତିରେ ସିଂଘିଯୁବା ସଂରକ୍ଷିତ ଜଙ୍ଗଲରୁ ବାହାରିଥିବା ହାତୀପଲ ସିନ୍ଦୂରପୁର ପଞ୍ଚାୟତ ସାଲମାଟିକ୍ରା ଗ୍ରାମର ଗୁପ୍ତେଶ୍ୱର ଜାଲଙ୍କ ୨ଏକର ଜମିର ଅମଳ ଧାନକୁ ଖାଇ ଦେଇଛନ୍ତି। ସେହିପରି ପଞ୍ଚା ସାମଲାଙ୍କ ଧାନତଳି, ମଳମଳ ବରିହା ଓ ମନଗଡୁ ସାଲମାଙ୍କ ବାଦାମ କ୍ଷେତରେ ପଶି ହାତୀପଲ ଦଳିଚକଟି ପକାଇଛନ୍ତି। ବଳାରଙ୍ଗା ଗ୍ରାମରେ ମଧ୍ୟ ଅନେକ ଚାଷୀଙ୍କ ଅମଳ ଧାନ ନଷ୍ଟ ହୋଇଛି। ପାପୀ ଗାଁର ଗଦାଧର ଭୁଏଙ୍କ ଅଧ ଏକର ଜମିର ଧାନ, ଲାଲସାହେବ କ୍ଷେତିଙ୍କ ଧାନତଳି କ୍ଷତିଗ୍ରସ୍ତ ହୋଇଛି। ହାତୀପଲ ସାଲମାଟିକ୍ରା ସମଲେଇ ପଡାରେ ପଶି ଆତଙ୍କ ଖେଳାଇଥିଲେ। ହାତୀ ଭୟରେ ଏହି ପଡାର ତ୍ରିନାଥ ସାଲମା, ସୁମନ୍ତ ସାଲମା, ସୁଶାନ୍ତ ସାଲମା, ମୁଦୁ ପୋଢ଼, ଶେଷ ସାଲମାଙ୍କ ପରିବାର ଗତ ୧୦ ଦିନ ହେଲା ରାତିରେ ନିଜ ଝାଟିମାଟି ଘର ଛାଡି ଛୁଆପିଲାଙ୍କୁ ଧରି ତ୍ରାହି ଅଚ୍ୟୁତ ଆଶ୍ରମ ଛାତ ଉପରେ ପଲିଥିନ ଟାଣି ରହୁଛନ୍ତି। ଜାମପାଲି ଗ୍ରାମର ଝରାପଡା, ପାପୀ ଗ୍ରାମର ଆନନ୍ଦ ନଗର, କମିରା, ସିଂଘିଯୁବାର ଆମ୍ବାଡେରା, ସିନ୍ଦୂରପୁର ପଞ୍ଚାୟତର ସାଲାମଟିକ୍ରା ଗ୍ରାମର ବହୁ ଗରିବ ପରିବାର ଝାଟିମାଟି ଘରକୁ ସୁରକ୍ଷିତ ନ ମଣି ହାତୀ ଭୟରେ ଅନ୍ୟତ୍ର ରହୁଛନ୍ତି। ଫସଲ ହାନି ସାଙ୍ଗକୁ ଜୀବନ ଭୟ ଲୋକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଅପରପକ୍ଷରେ ହାତୀପଲ ସିଂଘିଯୁବା ଅଞ୍ଚଳକୁ ରାତିରେ ପଳାଇ ଆସୁଥିବାରୁ ପ୍ରତ୍ୟହ ରାତି ୧୦ଟାରୁ ବିଦ୍ୟୁତ୍ ବିଭାଗ ଅଘଟଣ ଏଡାଇବାକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିଦେଉଛି। ସିଂଘିଯୁବା ଫରେଷ୍ଟର ଲିଙ୍ଗରାଜ ନାଏକଙ୍କୁ ପଚାରିବାରୁ ଗତ ୧୦ଦିନ ହେଲା ହାତୀ ଘଉଡାଇବା କାର୍ଯ୍ୟ ଚାଲିଛି। ହାତୀଙ୍କୁ ସୁରକ୍ଷିତ ଭାବେ ଘଉଡାଇବା ଉଦ୍ୟମ କରୁଛୁ। ଯେଉଁମାନଙ୍କ ଘରଦ୍ୱାର ଓ ଫସଲହାନି ଘଟିଛି, ତା'ର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଛନ୍ତି।



ଆଶ୍ରମ ଛାତରେ ପଲିଥିନ ଟାଙ୍ଗି ରହିଥିବା ଏକ ପରିବାର।

## ମଣ୍ଡିରୁ ୩୧୧ ବସ୍ତା ଧାନ ଜବତ

ଡୁଙ୍ଗୁରିପାଲି,୮।୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ମଣ୍ଡିକୁ ଶୁକ୍ରବାର ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ଏକ ସ୍ୱାଡ ଟିମକୁ ନେଇ ପରିଦର୍ଶନ କରିଥିଲେ। ଏହି ସମୟରେ ଦିଗଶିରା ସୋସାଇଟି ଅଧୀନରେ ସମଲେଶ୍ୱରୀ ଏସ୍ଏଚ୍‌ଜି ପରିଚାଳିତ ମଣ୍ଡିରେ ପହଞ୍ଚି ଥିଲେ ସ୍ୱାଡ। ସେଠାରେ ଚାଷୀଙ୍କ ଉପସ୍ଥିତିରେ ଧାନବସ୍ତା ଗଣତି ଆରମ୍ଭ କରିଥିଲେ। ହଜାର ହଜାର କୁଇଣ୍ଟାଲ ଧାନ ପଡିଥିବା ବେଳେ ୩୧୧ବସ୍ତା ବଳକା ଧାନର କେହି ଦାବିଦାର ନଥିଲେ। ଚାଷୀଙ୍କ ଧାନରୁ ଅଧିକ ମଣ୍ଡିରେ ପଡିଥିବା ଜଣା ପଡିଥିଲା। ଜିଲାପାଳ ଅବୋଲି ସୁନୀଲ ନରଭଣେଙ୍କୁ ବଳକା ଧାନ ବିଷୟରେ ତହସିଲଦାର ଜଣାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ୩୧୧ ବସ୍ତା ଧାନ ଯାହାର ଓଜନ ୧୧୫ କୁଇଣ୍ଟାଲ ୮ କେ.ଜି ଜବତ କରି ଏକ ଗାଡିରେ ଉମାଶଙ୍କର ରାଇସ୍ ମିଲ ହେପାଜତରେ ରଖାଯାଇଥିବା ତହସିଲଦାର ମିର୍ଦ୍ଧା ପ୍ରକାଶ କରିଛନ୍ତି । ଏହି ଚଢାଉ ବେଳେ ଯୋଗାଣ ନିରୀକ୍ଷକ ଜଗନ୍ନାଥ ଭୋଇ, ଆରଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ ସାମିଲ ଥିଲେ। ପ୍ରକାଶଥାଉ କି ଗତ ୬ ଡିସେମ୍ବର ରୁ ଆରମ୍ଭ ହୋଇଥିବା ଖରିଫ ଋତୁର ଧାନ କିଣା ରେ ଏହି ମଣ୍ଡିରେ ୩୯୬ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ମଣ୍ଡିରେ ୧୯୪୯୧ କୁଇଣ୍ଟାଲ ଧାନ ବିକ୍ରି କରିବାର ଧାର୍ଯ୍ୟ ଟାର୍ଗେଟ ରହିଥିବା ବେଳେ ବର୍ତ୍ତମାନ ୧୦୩୭୪.୮୪ କୁଇଣ୍ଟାଲ ମିଲକୁ ଯାଇଛି । ହେଲେ ଏହି ବଳକା ୩୧୧କୁଇଣ୍ଟାଲ ଧାନର କୌଣସି କାଗଜ ପତ୍ର ମାଁ ସମଲେଶ୍ୱରୀ ଏସ୍ଏଚ୍‌ଜି ହିସାବ ଦେଇ ପାରି ନ ଥିବା ତହସିଲଦାର ପ୍ରକାଶ କରିଛନ୍ତି ।

## ଜିଲା ଯୁବ ମହୋତ୍ସବ ଉଦ୍‌ଯାପିତ



ଜିଲା ଯୁବ ମହୋତ୍ସବରେ ସଂକଳ୍ପ ପରିବାରକୁ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼ ଅଫିସ୍,୮।୧

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ନେହେରୁ ଯୁବକେନ୍ଦ୍ର ବରଗଡ଼ ଆନୁକୂଲ୍ୟରେ ଜିଲା ଯୁବ ମହୋତ୍ସବ ଅନୁଷ୍ଠିତ ହୋଇଛି। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ । ଡଃ ସୁଜିତ ପୃଷେଠ ମୁଖ୍ୟବକ୍ତା ଏବଂ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସନା, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, ସୁରେଶ୍ୱର ଶତପଥି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମରେ ସଂକଳ୍ପ ପରିବାର, ସାମାଜିକ କର୍ମୀ ଦୀପା ବାରିକ, ସ୍ୱେଚ୍ଛାସେବୀ ରତିକାନ୍ତ ପ୍ରଧାନ, ଦୁର୍ଯ୍ୟୋଧନ ପାଣ୍ଡେ, ହୃଷିରାମ ବରିହା, କ୍ଷୀରସିନ୍ଧୁ ଭୋଇ, ଅନୀଲ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ଯୁବ ଅଧିକାରୀ ରୋଶନ ଟଣ୍ଡନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପଦେଷ୍ଟା କମିଟି ସଭ୍ୟ ତ୍ରିଲୋଚନ ଶତପଥି ସଂଯୋଜନା କରିଥିଲେ। ପ୍ରୀତି ପ୍ରଧାନ, ଟିଙ୍କି ସାହୁ, ଲିଶା ପ୍ରଧାନ, ଶିବୁ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ରାଜେନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟକ ହଜ୍‌ଲା ଫଗୁନ୍ ମଞ୍ଚସ୍ଥ

ବରଗଡ଼ ଅଫିସ୍,୮।୧

ବରଗଡ଼ ସୌଖିନ ରଙ୍ଗମଞ୍ଚରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନାଟକ 'ହଜ୍‌ଲା ଫଗୁନ୍' ମଞ୍ଚସ୍ଥ ହୋଇଛି। ସଭାପତି ଅଶ୍ୱିନୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ମନୋରଞ୍ଜନ ସାହୁ ସଂଯୋଜନା କରିଥିଲେ। ସାମାଜିକ କର୍ମୀ ନିର୍ମଳ କିଶୋର କର, ଦିଲୀପ ଅଗ୍ରୱାଲ, ସମ୍ପାଦକ ପ୍ରଭାସ ମହଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସତ୍ୟରଞ୍ଜନ ବେହେରାଙ୍କ ରଚିତ ଓ ଅଶୋକ ବେହେରାଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଗୋପାଳ ମିଶ୍ର, ପରିତୋଷ ବେହେରା ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଶଙ୍କର ପଟ୍ଟନାୟକ, ରାଜେଶ ବାରିକ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ପ୍ରଭାସ ମହଲା, ଅଶୋକ ବେହେରା, ବିଜୟ ବେହେରା, କେତନ ବଘାର, ପ୍ରଶାନ୍ତ ଆଚାର୍ଯ୍ୟ, କାହ୍ନୁ ପୃଷ୍ଟି, ସ୍ୱରୂପ ପଟ୍ଟନାୟକ, ମୁଗ୍ଧା ଦାଶ, ପ୍ରୟାସ ବିର୍ତ୍ତିଆ, ଚୂଡ଼ାମଣି ସିଂ, ଦେବସ୍ମିତା ପାଣିଗ୍ରାହୀ, ମୋହିତ ଭୋଇ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏହି ଅବସରରେ ନୃତ୍ୟ ନିର୍ଦ୍ଦେଶକ ତଥା ପଶ୍ଚିମାଞ୍ଚଳ ମିଳିତ କଳାକାର ମଞ୍ଚ ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ, ରାଜ୍ୟ କଳାକାର ସଂଘ ସଭାପତି ଚୈତନ୍ୟ ପାଇକ, ସାମାଜିକ କର୍ମୀ ସୁବ୍ରତ ବିର୍ତ୍ତିଆ, ପଶ୍ଚିମାଞ୍ଚଳ କଳାକାର ସଂଘ ସଭାପତି ନେହେରୁ ସରାଫ ଏବଂ ସମର୍ପଣ ନାଟ୍ୟ ଅନୁଷ୍ଠାନର କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ନାଟକ ହଜ୍‌ଲା ଫଗୁନ୍‌ର ଏକ ଦୃଶ୍ୟାଭିନୟ।

## ନିଖୋଜ ସବ୍‌ଜେଲ ୱାର୍ଡେନଙ୍କ ପତ୍ତା ମିଳିଲା

ପଦ୍ମପୁର,୮।୧(ଡି.ଏନ.ଏ)

ପଦ୍ମପୁର ସବ୍‌ଜେଲରେ କାର୍ଯ୍ୟରତ ହେଡ୍ ୱାର୍ଡେନ ଯାଦବ ବେହେରା (୫୯) ଗତ ଗୁରୁବାର ରାତ୍ରିରୁ ନିଖୋଜ ଥିବାବେଳେ ପତ୍ତା ମିଳିଛି। ଶନିବାର ପଦ୍ମପୁର ଥାନା ଆଇଆଇସି ରାଜେନ୍ଦ୍ର ସିଆଲ ନେତୃତ୍ୱରେ ଏକ ପୋଲିସ ଟିମ୍ କନସିଂହାରେ ଯାଦବଙ୍କୁ ଠାବ କରି ପରିବାରକୁ ହସ୍ତାନ୍ତର କରିଛି। ଯାଦବ ଗୁରୁବାର ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଡ୍ୟୁଟି କରି ଘରକୁ ଫେରିବା କଥା। କିନ୍ତୁ ସେ ଘରକୁ ଯାଇ ନ ଥିଲେ। ଯାଦବ ଜରୁରୀକାଳୀନ ଡ୍ୟୁଟି କରୁଥିବେ ବୋଲି ଘର ଲୋକେ ଭାବିଥିଲେ। ଅନ୍ୟପକ୍ଷେ ସକାଳେ ଡ୍ୟୁଟିକୁ ନ ଆସିବାରୁ ଜେଲ୍ ପ୍ରଶାସନ ଯାଦବଙ୍କ ଘରକୁ ଷ୍ଟାଫ ପଠାଇ ଅନୁପସ୍ଥିତର କାରଣ ବୁଝିଥିଲେ। ରାତିରୁ ନିଖୋଜ ଥିବା ଜାଣିବା ପରେ ତାଙ୍କ ପୁଅ ଅବନୀକାନ୍ତ ବେହେରା ଥାନାରେ ଅଭିଯୋଗ କରିଥିଲେ।

# ବେଲପାହାଡ଼ ଏଫ୍‌ସି ଫାଇନାଲରେ

ସୋନପୁର,୮।୧(ନି.ପ୍ର.)



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସୁଜନ ନାଗ ସ୍ମାରକୀ ଫୁଟବଲ**

ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୯ମ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ମ୍ୟାଚ୍‌ରେ ବେଲପାହାଡ ଏଫ୍‌ସି ବିଜୟୀ ହୋଇଛି। ବ୍ଲକ ଛକସ୍ଥିତ ରୟାଲ ପଡିଆରେ ଜିଏମସି ବୌଦ୍ଧ ଓ ବେଲପାହାଡ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବେଲପାହାଡ ଦଳ ୨–୦ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ବେଷ୍ଟ ଡିଫେନ୍ସ ଭାବେ ବେଲପାହାଡ ଦଳର ରାହୁଲ ସୁନା, ବେଷ୍ଟ ମିଡ୍ ଫିଲ୍ଡର ମିନକେତନ ବାଘ, ବେଷ୍ଟ ୱିଙ୍ଗର ସରୋଜ ବରିହା, ବେଷ୍ଟ ଗୋଲ କିପର କାହ୍ନୁ ବିଶ୍ୱାଳ ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ଲେପା ମହାକୁଡଙ୍କୁ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ ଜଗତ ଜଗଦଲା, ସୁଦାମ ଜଗଦଲା, ପ୍ରଶାନ୍ତ ସେଠୀ, ନନ୍ଦୁ ନାଏକ ଓ ଚୁଡାମଣି ମେହେର ପରିଚାଳନା କରିଥିଲେ। ଧନୁର୍ଜୟ ଷାଣ୍ଡ ମ୍ୟାଚ୍ କମିଶନରଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସୁବର୍ଣ୍ଣପୁରର ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ ମ୍ୟାଚ୍‌ର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଓପିଡିସି ଅଧ୍ୟକ୍ଷ ଅଭିମନ୍ୟୁ କୁଶଳ, ବିଜୁ ଛାତ୍ର ଜନତା ଦଳର ସଭାପତି ଶାଶ୍ୱତ କୁମାର ମିଶ୍ର, ଦେବାଶିଷ ପଟ୍ଟନାୟକ, ନଗର ବିଜେଡି ସଭାପତି ଜନ୍ମେଜୟ ପାତ୍ର, ବିନୋଦ ବିହାରୀ ସାମନ୍ତରାୟ, ମୁନା ତ୍ରିପାଠୀ ଓ ଶାନ୍ତନୁ ବାଘ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବକୁ ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପରିଚାଳନା କରିଥିଲେ। ରବିବାର ବେଲପାହାଡ ଏଫସି ଓ ଇଲେଭେନ ଷ୍ଟାର କଳାପଥର, ସୋନପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

ଅମରପାଲି,୮।୧(ଡି.ଏନ.ଏ.)

ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଶନିବାର ଉଲୁଣ୍ଡା ଏବଂ ବୀରମହାରାଜପୁର ବ୍ଲକର ତେଲେଣ୍ଡା, କାପାସିରା, ବିଶିପଡା, ଉଲୁଣ୍ଡା ଖେଳ ପଡିଆର ଉନ୍ନତିକରଣ, ଉଲୁଣ୍ଡା କଲ୍ୟାଣ ମଣ୍ଡପ ଶିଳାନ୍ୟାସ, ବୀରମହାରାଜପୁର ବସଷ୍ଟାଣ୍ଡ ଅମୃତଧାରା, କମଓଲପୁର ଅମୃତଧାରା ଏବଂ ମୁର୍ଛୁଣ୍ଡୀଠାରେ ଅମୃତଧାରା ପ୍ରକଳ୍ପର ଶୁଭାରମ୍ଭ କରଛନ୍ତି। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ଭାଜପା ସଭାପତି ପ୍ରମୋଦ ମହାପାତ୍ର, ରଘୁନାଥ ଜଗଦଲା, ବେଣୁଧର ଦାଶ, ନଳିନୀ ପଣ୍ଡା, ଉଲୁଣ୍ଡା ବ୍ଲକ ଅଧକ୍ଷା ମିତାଲି ମହାକୁର, କିଶୋର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାଚନରେ ଓବିସିଙ୍କ ସ୍ଥାନ ସଂରକ୍ଷଣ ଦାବିରେ ଉଲୁଣ୍ଡା ବିଡିଓ ହେମସାଗର ଭୋଇ ଓ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ

ଅମରପାଲି, ୮।୧(ଡି.ଏନ.ଏ)

ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ବୀରମହାରାଜପୁର କପ ଦ୍ୱିଦିବସିୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଘାଟିତ ହୋଇଛି। ଏସ୍‌ଡିପିଓ ଡୋଲାମଣି ଭୋଇ ମୁଖ୍ୟଅତିଥି, ନାରାୟଣ ଲୁହା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବୀରମହାରାଜପୁର ସ୍ପୋର୍ଟିଂ କ୍ଲବ ସଭାପତି ପର୍ଶୁରାମ ଦେହେରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ପାଦକ ସତ୍ୟନାରାୟଣ ମହାକୁର ଓ କ୍ଲବ ସଦସ୍ୟ ଉପସ୍ଥିତ ଥିଲେ। ଉଦଘାଟନୀ ମ୍ୟାଚରେ ବଲାଙ୍ଗୀର ଦଳ ରାଉରକେଲାକୁ ଟାଇବ୍ରେକରରେ ୩–୧ ଗୋଲରେ, ଦିତୀୟ ମ୍ୟାଚରେ ଝାରସୁଗୁଡ଼ା ଦଳ ୧–୦ ଗୋଲରେ ସୁନ୍ଦରଗଡକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ସୋନପୁର ୪–୦ ଗୋଲରେ ଢେଙ୍କାନାଳକୁ ଓ ଶେଷ ମ୍ୟାଚରେ ବୀରମହାରାଜପୁର ୩–୦ ଗୋଲରେ ଭୁବନେଶ୍ୱରରକୁ ପରାସ୍ତ କରିଥିଲା । ବିଭିନ୍ନ ଖେଳରେ ସୁରେନ୍ଦ୍ର ପତି, ଲବକୁମାର ସାହୁ, ରଣଜିତ ମିଶ୍ର, ମହେନ୍ଦ୍ର ଜଗଦଲା, ବିଜୟ ପଧାନ, ବିଦ୍ୟାଧର ଖୁର୍ଦ୍ଦିଆ, ଗଙ୍ଗାଧର ଜଗଦଲା ଅତିଥିଭାବେ ଯୋଗ ଦେଇଥିଲେ।

## ହସ୍ତଶିଳ୍ପ କାରିଗରଙ୍କ ପ୍ରୋତ୍ସାହନ ଶିବିର

ବରଗଡ଼ ଅଫିସ୍,୮।୧

ଓଡ଼ିଶା ହସ୍ତତନ୍ତ ବୟନ ଶିଳ୍ପ ବିଭାଗ, ବରଗଡ଼ ପୌର ପରିଷଦ ଆନୁକୂଲ୍ୟରେ ହସ୍ତତନ୍ତ କାରିଗରମାନଙ୍କ ପ୍ରୋତ୍ସାହନ ଶିବିର ଉଦ୍‌ଯାପିତ ହୋଇଛି। ଖଜୁରଟିକ୍ରାଠାରେ ଆୟୋଜିତ ସମାରୋହରେ ପୂର୍ବତନ ପୌର ଉପନଗରପାଳ କଳ୍ପନା ମାଝି, ସହକାରୀ ନିର୍ଦ୍ଦେଶକ (ହସ୍ତଶିଳ୍ପ) କୃଷ୍ଣଚନ୍ଦ୍ର ସାମଲ, ହସ୍ତଶିଳ୍ପ ବିକାଶ ଅଧିକାରୀ ସୀତାରାମ ମେହେର, କ୍ଷୀରୋଦ ଚନ୍ଦ୍ର ନାଏକ, ଚିନ୍ମୟୀ ପ୍ରଧାନ, ତରୁଣୀ ନାଏକ, ନବୀନ ପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହନ ରାଶି, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ନେତାଜୀ କ୍ରିକେଟ: ପାଟଣାଗଡ଼ ଚାମ୍ପିୟନ

ପଦ୍ମପୁର,୮।୧(ଡି.ଏନ.ଏ)

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ଖଲିଆପାଲି ସ୍କୁଲ ପଡିଆରେ ନେତାଜୀ କ୍ଲବ ଦ୍ୱାରା ଆୟୋଜିତ ୨୪ତମ ନେତାଜୀ କ୍ରିକେଟ କପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପାଟଣାଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୪ ଉଇକେଟ ବିନିମୟରେ ୪୭ରନ ସଂଗ୍ରହ କରିଥିଲା। ଜବାବରେ ଘନାମାଲ ଦଳ ୪ ଓଭରରେ ୭ ଉଇକେଟ ହରାଇ ୨୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଯୁବନେତା ଭୋଜରାଜ ସିଂ ବରିହା ମୁଖ୍ୟଅତିଥି ଏବଂ ମିନିକେତନ ବାଗ, ଉପେନ୍ଦ୍ର ବାଗ ଓ ଡିଲେଶ୍ୱର ବାଗ, ସୁଶୀଲ କୁମାର କିଷାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ୨୨୫୦୦ ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୧୧୫୦୦ ସହ ଟ୍ରଫି ପ୍ରଦାନ କରିଥିଲେ। ପଟଣାଗଡ଼ ଦଳର ବୁଠି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିଜୟ ବିବେଚିତ ହୋଇଥିଲେ। ସୁରେଶ ବାଗ, ହେମନ୍ତ ମାଝୀ ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ଦୁଷ୍ମନ୍ତ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।




ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ସେମିରେ ବ୍ଲ୍ୟୁ ଡାଇମଣ୍ଡ ବରଗଡ଼

**୨ୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଅମରପାଲି, ୮।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ଚାଲିଥିବା ୨ୟ ପଞ୍ଚଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ମ୍ୟାଚରେ ଆୟୋଜକ ପିଏସ୍‌ସି ଖଣ୍ଡହତାକୁ ହରାଇ ବ୍ଲ୍ୟୁ ଡାଇମଣ୍ଡ ବରଗଡ଼ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ତିନିଟି ଫର୍ମାଟ୍‌ରେ ହୋଇଥିଲା। ପ୍ରଥମ ଫର୍ମାଟ୍‌ରେ ଟସ୍ ଜିଣି ଖଣ୍ଡହତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୦୭ରନ କରିଥିଲା। ଦଳର ସୁଜିତ ରଥ ୫୧ରନ କରିଥିଲେ। ବରଗଡର ରୂପକ ପଧାନ ଓ ସୁଶାନ୍ତ ବିଶି ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବରଗଡ ଦଳ ୧୪.୫ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ କରିଥିଲା। ଦଳର ରୂପକ ପଧାନ ୩୧ ଓ ମଳୟ କୁମାର ହାତୀ ୨୬ରନ କରିଥିଲେ। ଖଣ୍ଡହତାର ରାକେଶ କର୍ମୀ ୩ଟି ଓ ଯଦୁଲାଲ ନନ୍ଦ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟ୍‌ରେ ଖଣ୍ଡହତା ନିର୍ଦ୍ଧାରିତ ୮ ଓଭରରେ ୪ଉଇକେଟ ହରାଇ ୪୫ରନ କରିଥିଲା। ବରଗଡର ସୁଶାନ୍ତ ବିଶି ୨ଟି ଉଇକେଟ ନେଇଥିଲେ। ଜବାବରେ ବରଗଡ ଦଳ ୬.୨ ଓଭରରେ ୪ ଉଇକେଟ ହରାଇ ୪୬ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ମ୍ୟାଚ ଜିଣିବାରୁ ସୁପରଓଭର ଖେଳାଯାଇଥିଲା। ଏଥିରେ ବରଗଡ ୧୫ରନ କରିଥିବା ବେଳେ ଖଣ୍ଡହତା ୭ରନ କରିଥିଲା। ବରଗଡ ଦୁଇଟି ଫର୍ମାଟ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ୍ ସପନ ପଧାନ, ସତ୍ୟବାନ ପଧାନ, ସୁଶୀଲ ପ୍ରଧାନ ଅତିଥିଭାବେ ଯୋଗଦେଇ ବରଗଡର ରୂପକ ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡିକୁ ସୁରେଶ ବିଶି ଓ ପିଣ୍ଟୁ ପଣ୍ଡା ପରିଚାଳନା କରିଥିଲେ। ବାଙ୍କାବିହାରୀ ମହାକୁର ସ୍କୋରିଂ, ଦୈତାରୀ ବିଶି ଅନଲାଇନ ସ୍କୋରିଂ ଏବଂ ପିଙ୍କୁ ଗାଇଗରିଆ ଧାରାବିବରଣୀ ପ୍ରଦାନ କରିଥିଲେ। ରବିବାର ପାଟଣାଗଡ ଓ ବଲାଙ୍ଗୀର ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।




ବରଗଡର ରୂପକ ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୯ ଜାନୁୟାରୀ, ୨୦୨୨



**ବଡ଼ଗାଁ ୩୧, ଲହୁଣୀପଡ଼ାରେ ୧୬ ପଜିଟିଭ ଚିହ୍ନଟ**

ବଡ଼ଗାଁ/ଲହୁଣୀପଡ଼ା, (ଡି.ଏନ.ଏ.) : ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳରେ ଶନିବାର ୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏକମା ଅଞ୍ଚଳରେ ୧୧, ବଡ଼ଗାଁରେ ୧୨ ଓ ଜରଙ୍ଗଲୋଇରେ ୮ ଜଣ ସଂକ୍ରମିତ ଚିହ୍ନଟ କରାଯାଇଛି। ପ୍ରତିଦିନ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଉଛି। ସେହିପରି ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଶନିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ କରୋନା ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା। ମୋଟ ୮୯ ଜଣଙ୍କର ପରୀକ୍ଷା କରାଯାଇଥିବା ବେଳେ ସେଥିମଧ୍ୟରୁ ୧୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି।

# ଡାଲାରେ ବୃଦ୍ଧା, ସିଟ୍‌ରେ କର୍ମଚାରୀ

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଭିକାରୀମୁକ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ସମୟରେ ଜଣେ ୭୫ ବର୍ଷିୟା ବୃଦ୍ଧାଙ୍କୁ ଅସମ୍ମାନ କରାଯାଇଛି। ଶନିବାର ଏଭଳି ଚିତ୍ର ଦେଖିବାକୁ ମିଳିଛି। ବୃଦ୍ଧାଙ୍କୁ ଉଦ୍ଧାର କରି ଗାଡି ପଛପଟ ଡ଼ାଲାରେ ସାମଗ୍ରୀ ଭଳି ନିଆଯାଇଥିବାବେଳେ ଉଦ୍ଧାର କରିଥିବା କର୍ମଚାରୀ ସିଟ୍‌ରେ ବସି ଯାତ୍ରା କରିଥିଲେ। ମିଳିଥିବା ରିପୋର୍ଟ ଅନୁସାରେ ବୃଦ୍ଧା ଜଣଙ୍କ କ୍ଷେତରାଜପୁର ଚନ୍ଦନନଗର ଅଞ୍ଚଳର। ତାଙ୍କର ଗୋଟିଏ ପୁଅ ଅଛି। ହେଲେ ସେ ତାଙ୍କ ମା'ଙ୍କୁ ପୋଷିବାକୁ ଅକ୍ଷମ। ବୃଦ୍ଧାଙ୍କର ଆଉ କେହି ସାହା ନ ଥିବାରୁ ସମଲେଇ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ଭିକମାଗି ଓ ଖାଇବା ସାମଗ୍ରୀ ମାଗି ପେଟ ପୋଷୁଥିଲେ। ହେଲେ ଭିକାରୀମୁକ୍ତ ଅଭିଯାନର ଏକ ଟିମ୍ ଖବରପାଇ ବୃଦ୍ଧଙ୍କୁ ଗାଡିରେ ଜିଲାପାଳ ଅଫିସ୍ ନିକଟକୁ ଆଣିଥିଲେ। ସେଠାରେ ଜିଲା ଭିନ୍ନକ୍ଷମ ଅଧିକାରୀ ରବୀନ୍ଦ୍ରନାଥ ଶତପଥି ବୃଦ୍ଧାଙ୍କୁ ଦେଖିଥିଲେ। ଶାସନ ନିକଟରେ ଥିବା ଆଶ୍ରୟସ୍ଥଳକୁ ନେବାକୁ କହିଥିଲେ। ବୃଦ୍ଧାଙ୍କୁ ଡାଲାରେ ବସାଇ ସମଲେଇ ମନ୍ଦିର ନିକଟରୁ ଜିଲାପାଳ ଅଫିସ ଓ ଜିଲାପାଳ ଅଫିସ୍‌ଠାରୁ ଆଶ୍ରୟସ୍ଥଳ ନେଇଥିଲେ। ପ୍ରାୟ ୨୦ କିମି ଡାଲାରେ ବସି ଯାତ୍ରା କରିଥିଲେ। ବୃଦ୍ଧା ଜଣଙ୍କ ବହୁ କଷ୍ଟରେ ଯାତ୍ରା କରୁଥିବା ଦେଖିବାକୁ ମିଳିଥିଲା।

ଉଦ୍ଧାର ହୋଇଥିବା ବୃଦ୍ଧା ଅପରିଷ୍କାର ଦେଖାଯାଉଥିଲେ। ତାଙ୍କର ରଙ୍ଗଢଙ୍ଗରେ ସ୍ୱାଭାବିକ ନ ଥିଲା। ତେଣୁ ବୃଦ୍ଧାଙ୍କୁ କର୍ମଚାରୀମାନେ ସିଟରେ ନ ବସାଇ ପଛପଟ ଡାଲାରେ ବସାଇ ନେଇଥିଲେ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ଭିନ୍ନକ୍ଷମ ଅଧିକାରୀ ରବୀନ୍ଦ୍ର ଶତପଥି କହିଛନ୍ତି ଯେ, ବୃଦ୍ଧାଙ୍କୁ ଉଦ୍ଧାରକାରୀ ଟିମ୍ ଦେଖି ଗାଡ଼ିରେ ବସାଇ ଆଣିଥିଲେ। ତାଙ୍କୁ ସୁରକ୍ଷିତ ଭାବେ ଗାଡ଼ିରେ ନିଆଯାଇଥିଲା। ତାଙ୍କୁ ଅସମ୍ମାନ ବା କଷ୍ଟ ଦିଆଯାଇନାହିଁ। ଶତପଥି କହିଥିଲେ, ଜିଲାରେ ୨୦୧୭ ମସିହାରୁ ଭିକାରୀ ମୁକ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି। କୋଭିଡ୍ ପୂର୍ବରୁ ସହରରେ ୩୭୦ ଭିକାରୀ ଥିବା ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। କେତେଙ୍କ ମୃତ୍ୟୁ ହୋଇସାରିଛି। ଏବେ ସଠିକ୍ ତଥ୍ୟ ନାହିଁ। ହେଲେ ଆଶ୍ରୟ ସ୍ଥଳରେ ବିଭିନ୍ନ ଅଞ୍ଚଳରୁ ଭିକାରୀମାନଙ୍କୁ ଉଦ୍ଧାର କରି ରଖାଯାଉଛି। ଏପର୍ଯ୍ୟନ୍ତ ୩୭ଜଣ ଆଶ୍ରୟ ନେଇଛନ୍ତି। ସେମାନଙ୍କ ମାଗଣା ଖାଇବା, ଚିକିତ୍ସା କରିବା ସୁବିଧା କରାଯାଇଛି। ଯଦି ତାଙ୍କର ପରିବାର ଲୋକ ନେବାକୁ ଚାହିଁବେ ତାହା ହେଲେ ସେମାନଙ୍କ ଚୁକ୍ତି କରିବାକୁ ପଡିବ। ଆଗାମୀ ଦିନରେ ରାସ୍ତା କଡରେ କିମ୍ବା ଧାର୍ମିକ ଅନୁଷ୍ଠାନରେ ଭିକମାଗିବେ ନାହିଁ ବୋଲି ଚୁକ୍ତି କରିବେ। ଅନ୍ୟପଟେ ବୈଜାମୁଣ୍ଡାରେ ଏକ ସ୍ଥାୟୀ ଆଶ୍ରୟ ସ୍ଥଳ କରାଯାଉଛି। ଏବେ ସେଠାରେ ସମସ୍ତ ଭିକାରୀ ଓ ଅସହାୟଙ୍କୁ ନେଇ ରଖାଯିବ। ଆଗାମୀ ଦିନରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନଗୁଡିକ ଉପରେ ମଧ ଚଢାଉ କରାଯିବ। ସମ୍ବଲପୁର ଜିଲାକୁ ଭିକାରୀ ମୁକ୍ତ କରାଯିବାର ଲକ୍ଷ୍ୟ ପୂରଣ ହେବ। ଶନିବାର ଉଦ୍ଧାର ହୋଇଥିବା ଏହି ବୃଦ୍ଧାଙ୍କୁ ମଧ ଅସ୍ଥାୟୀ ଆଶ୍ରୟ ସ୍ଥଳକୁ ନିଆଯାଇଛି। ତାଙ୍କର କୌଣସି ସମସ୍ୟା ହେବ ନାହିଁ ବୋଲି କହିଥିଲେ।



ସମ୍ବଲପୁର ଜିଲାପାଳ ଅଫିସ ନିକଟରେ ଡାଲାରେ ଥିବା ବୃଦ୍ଧା।

## ଉଦ୍ଧାର ବୃଦ୍ଧା କଷ୍ଟରେ ଗଲେ ଆଶ୍ରୟସ୍ଥଳ

## ସଂକ୍ଷେପରେ

### ଲୁହା ପ୍ୟାନେଲ ଜବତ, ୩ ଗିରଫ

**ରାଉରକେଲା ଅଫିସ, ୮।୧:** ଲୁହାପ୍ୟାନେଲ ଚୋରି ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଙ୍ଗରପାଡି ଅଞ୍ଚଳର ମୁର୍ଗି ଓରାମ(୨୮), ଛୋଟେ ବାର୍ଲା(୨୨) ଓ ସାଗର ବାର୍ଲା(୩୦)। ସେମାନଙ୍କଠାରୁ ଚୋରି ଲୁହା ପ୍ୟାନେଲ ଜବତ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୧।୨୨) ରୁଜୁ କରି ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, କୁଲୁଙ୍ଗା ଆଇଡିସିରେ ଇନ୍ଦ୍ରଜିତ ସିଂ ସାନ୍ଧୁଙ୍କ ଏକ ଲୁହାକଣ୍ଟା ଦୋକାନ ରହିଛି। ଗତ ୩୦ ତାରିଖରେ ମୁର୍ଗି, ଛୋଟେ ଓ ସାଗର ଏହି କଣ୍ଟା ଦୋକାନ ପାଚେରି ଡେଇଁ ଲୁହାପ୍ୟାନେଲ ଚୋରି କରିନେଇଥିଲେ। ଏ ନେଇ ସାନ୍ଧୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବା ସହ ଚୋରି ହୋଇଥିବା ଲୁହା ପ୍ୟାନେଲ ଜବତ କରିଛି।

### ଖୋଖୋ ଖେଳାଳିଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୮।୧(ଡିଏନଏ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ମିସ୍ତ୍ରୀ ଦଫେଇରେ ରହୁଥିବା ସ୍ୱର୍ଗତ ୟାକୁବ କୁଜୁରଙ୍କ ପୁତ୍ର ତର୍ତୁନ(୧୮) ଶନିବାର ଅପରାହ୍ନରେ ନିଜ ଘରେ ବେକରେ ଚୂନି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଘରେ କେହି ନ ଥିବା ବେଳେ ସେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପାରିବାରିକ ସମସ୍ୟା ଏହାର କାରଣ ବୋଲି ପୋଲିସ ଅନୁମାନ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଡାକ୍ତରଖାନା ପଠାଇଛି। ସୂଚନାଯୋଗ୍ୟ, ମୃତ ତର୍ତୁନ ପୂର୍ବରୁ ରାଜ୍ୟସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଭାଗ ନେଇଥିଲେ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ଠାରୁ ଜଣାପଡ଼ିଛି।

### ମାରପିଟ ଘଟଣାରେ ସରପଞ୍ଚଙ୍କ ସ୍ୱାମୀଙ୍କ ସମେତ ୫ ଗିରଫ

**ସୁନ୍ଦରଗଡ, ୮।୧ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ବଲିଙ୍ଗା ଫାଣ୍ଡି ଅନ୍ତର୍ଗତ ବଲିଙ୍ଗା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ମାରପିଟ କରିବା ଘଟଣାରେ ପୋଲିସ ଢୁଢୁକା ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ସଚ୍ଚିନ୍ଦ୍ର ମାଝୀଙ୍କ ସମେତ ୫ଜଣଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ରକରି ବଲିଙ୍ଗା ଗ୍ରାମର ରତିକାନ୍ତ ପରିଡାଙ୍କ ଘରେ ଶୁକ୍ରବାର ରାତିରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ପୂର୍ବରୁ ଅଭିଯୁକ୍ତଙ୍କ ମଧ୍ୟରୁ ଝସକେତନ ମାଝୀଙ୍କ ସହ ରତିକାନ୍ତଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି।

### କୋଭିଡ୍ ସ୍ଥିତି ସମୀକ୍ଷା

**ଝାରସୁଗୁଡା ଅଫିସ୍, ୮।୧:** କୋଭିଡ୍ ଜିଲା ପର୍ଯ୍ୟବେକ୍ଷକ ହେମନ୍ତ ଶର୍ମା ଗତ ଶୁକ୍ରବାର ଝାରସୁଗୁଡା ଜିଲା ଗସ୍ତରେ ଆସି କୋଭିଡ୍ ସ୍ଥିତି ସମୀକ୍ଷା କରି ଶନିବାର ଫେରିଯାଇଛନ୍ତି। ଏନେଇ ସେ ଜିଲାପାଳ ସରୋଜ କୁମାର ସାମଲ ଓ ଅନ୍ୟ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ କରି ଏହାର ନିରାକରଣ ଉପରେ ଆଲୋଚନା କରିଥିଲେ। ଅଧିକାରୀଙ୍କ ସହିତ ମିଶି କୋଭିଡ୍ ହସ୍‌ପିଟାଲ୍, କୋଭିଡ୍ ପରୀକ୍ଷାଗାର, ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଅମ୍ଳଜାନ ପ୍ରକଳ୍ପ, ଜେଲ୍ ନିକଟସ୍ଥ ଓଟିଡିସି କୋଭିଡ୍ କେୟାର ସେଣ୍ଟର ଆଦି ପରିଦର୍ଶନ କରିଥିଲେ। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ସୁରେଶ ଚନ୍ଦ୍ର ଦଳାଇ, ଅତିରିକ୍ତ ଜିଲାପାଳ ପ୍ରବୀର ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଡୋଲାମଣି ପଟେଲ, ଜାତୀୟ ସ୍ୱାସ୍ଥ୍ୟମିଶନ ଜିଲା ପ୍ରକଳ୍ପ ପରିଚାଳକ ବୁଲୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବାରାତ୍ର ଭଲିବଲ: ଭଦ୍ରକ ଚାମ୍ପିୟନ

ଦେବଗଡ଼, ୮।୧(ଡି.ଏନ.ଏ)

ବାରକୋଟ ବ୍ଲକ କଲା ଗ୍ରାମପଞ୍ଚାୟତ ସଦର ମହକୁମା ସ୍ଥିତ ଭଲିବଲ ଷ୍ଟାଡିୟମରେ କଲା ଭଲିବଲ ଏସୋସିଏସନ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଭଦ୍ରକର ସୂର୍ଯ୍ୟଶିଖା ଭଲିବଲ କ୍ଲବ ଓ ରାଉରକେଲାର ରାଇଜିଂ ଷ୍ଟାର ଭଲିବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇ ଭଦ୍ରକ ଚାମ୍ପିୟନ ହୋଇଥିଲା। ରେଫରୀ ନିରଞ୍ଜନ ନାୟକ ଫାଇନାଲ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସଞ୍ଜୀବ କୁମାର ଚାନ୍ଦ ସହଯୋଗ କରିଥିଲେ। କ୍ଲବର ଉପଦେଷ୍ଟା ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି, ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ବରିଷ୍ଠ ଆଇନଜୀବୀ ତନୁ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ବିଜୟ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ଉତ୍ସବରେ ବାରକୋଟ ବ୍ଲକ ଅଧକ୍ଷା ସୁବାସିନୀ ସାହୁ ମୁଖ୍ୟଅତିଥି, ସରପଞ୍ଚ ସୁସ୍ମିତା ବେହେରା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସତ୍ୟ ନାରାୟଣ ପାଣି ଓ ପୂର୍ବତନ ବ୍ଲକ ଅଧକ୍ଷ ସମରେନ୍ଦ୍ର କୁମାର ଜିତ ଓ କ୍ଲବର ଉପଦେଷ୍ଟା ଅରୁଣ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

# ଗୁଣ୍ଡୁରିପୋଷି ଗାଁରେ ହାତୀ ଉପଦ୍ରବ

## ନଷ୍ଟକଲେ ବାଡ଼ି ବଗିଚା

ଦେବଗଡ଼,୮।୧(ଡି.ଏନ.ଏ)

ଦେବଗଡ ବନାଞ୍ଚଳ ତଥା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗୁଣ୍ଡୁରିପୋଷି ଗ୍ରାମରେ ଶୁକ୍ରବାର ରାତିରେ ଏକ ହାତୀପଲ ପଶି ଉପଦ୍ରବ କରିଛନ୍ତି। ସେମାନେ ଜଣେ ଚାଷୀଙ୍କ ଘର ଭାଙ୍ଗିବା ସହ ବହୁ ବାଡି ବଗିଚା ନଷ୍ଟ କରିଥିବା ଜଣାପଡିଛି।

ଖବର ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ହାତୀପଲ ଗୁଣ୍ଡୁରିପୋଷି ଗ୍ରାମର ଟିକମ ବେହେରାଙ୍କ ଘର ଅଗଣାରେ ପଶି କାନ୍ଥ ଭାଙ୍ଗି ଧାନ ଖାଇବା ସହ ବାଡିରେ ଥିବା ବହୁ କଦଳୀ ଗଛ ନଷ୍ଟ କରିଦେଇଥିଲେ। ସେହିପରି ଟିକେଶ୍ୱର ସାହୁ, ମହେଶ୍ୱର ସାହୁ, ଅନନ୍ତ ସାହୁ, ପ୍ରଫୁଲ୍ଲ ସାହୁ ଓ ହରି ସ୍ୱାଇଁଙ୍କ ବଗିଚାରେ ପଶି ଆଳୁ, ପିଆଜ, କୋବି, ବାଇଗଣ, ଟମାଟୋ ଆଦି ପରିବା ଏବଂ ଶୋରିଷ ଫସଲ ଖାଇଦେବା ସହ ମାଡିଦଳି ନଷ୍ଟ କରିଦେଇଥିଲେ। ଶନିବାର ପ୍ରତ୍ୟୁଷରେ ଗ୍ରାମବାସୀ ଉକ୍ତ ହାତୀପଲକୁ ନିକଟସ୍ଥ ଜଙ୍ଗଲକୁ ଘଉଡାଇ ଦେଇଥିଲେ। ତେବେ ପୁଣିଥରେ ଉକ୍ତ ହାତୀପଲ ଗାଁକୁ ଲେଉଟିବାର ଆଶଙ୍କା ରହିଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ଉକ୍ତ ହାତୀପଲକୁ ବନ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଜଙ୍ଗଲ ମଧ୍ୟକୁ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ହାତୀପଲ ଭାଙ୍ଗିଥିବା ଘର।

# କୋଭିଡ୍ ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

## ନିୟମ ପାଳନ କରିବାକୁ ଲୋକଙ୍କୁ ଅନୁରୋଧ କଲେ ଜିଲାପାଳ

ସୁନ୍ଦରଗଡ,୮।୧(ଡି.ଏନ.ଏ.)

କୋଭିଡ଼ ସଂକ୍ରମଣ ପୁଣି ଥରେ ବଢିବାରେ ଲାଗିଛି। ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଜିଲାପାଳ ନିଖିଲ ପବନ କଲ୍ୟାଣ କହିଛନ୍ତି। ଶନିବାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ସୂଚନା ଦେଇ ତୃତୀୟ ଲହରକୁ ମୁକାବିଲା କରିବା ପାଇଁ ଜନସାଧାରଣ କୋଭିଡ ଉପଯୋଗୀ ଆଚରଣ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି। ଜିଲାପାଳ କହିଛନ୍ତି ଯେ,କୋଭିଡର ପ୍ରଥମ ଏବଂ ଦ୍ୱିତୀୟ ଲହରକୁ ମୁକାବିଲା କରିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନର କୋଭିଡ ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। କୋଭିଡ ସଂକ୍ରମିତ ବ୍ୟକ୍ତିଙ୍କୁ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସୁନ୍ଦରଗଡ଼ ଏବଂ ରାଉରକେଲାରେ ସ୍ୱତନ୍ତ୍ର କୋଭିଡ଼ ହସ୍ପିଟାଲ ପ୍ରସ୍ତୁତ ରହିଛି। ଏଥିପାଇଁ ଆବଶ୍ୟକ ସଂଖ୍ୟକ ଶଯ୍ୟା ଓ ଅକ୍ସିଜେନ ମଧ ମହଜୁଦ ରହିଛି। ଜିଲାରେ କୋଭିଡ ନିୟନ୍ତ୍ରଣ ପାଇଁ ଟେଷ୍ଟିଂ, ଟ୍ରାକିଂ ଏବଂ ଟିକାକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଜିଲାରେ ଏବେ କୋଭିଡ ଟେଷ୍ଟିଂରେ କୌଣସି ଅସୁବିଧା ନାହିଁ। କୋଭିଡ ନମୁନା ପରୀକ୍ଷା ଉପରେ ପ୍ରଶାସନ ସବୁବେଳେ ଗୁରୁତ୍ୱ ଦେଇ ଆସୁଛି। ଏବେ ଜିଲାରେ ଦୈନିକ ୭ ହଜାରରୁ ଅଧିକ ଟେଷ୍ଟିଂ କରିବାର କ୍ଷମତା ରହିଛି। ଆବଶ୍ୟକ ହେଲେ ଆଗକୁ ଏହାକୁ କିପରି ବଢାଯାଇପାରିବ ତା' ଉପରେ ଧ୍ୟାନ ଦିଆଯାଉଥିବା ଜିଲାପାଳ ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି ଯେ, ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ସରକାର ଯେଉଁ ଗାଇଡ୍‌ଲାଇନ ଜାରି କରିଛନ୍ତି ତାକୁ ସମସ୍ତ ଜନସାଧାରଣ ପାଳନ କରନ୍ତୁ। ମାସ୍କ ପିନ୍ଧିବା ସହ ଭଲଭାବେ ବାରମ୍ବାର ହାତ ଧୋଇବା ଓ ସବୁଠି ସାମାଜିକ ଦୂରତା ଆଦି ରକ୍ଷାକରନ୍ତୁ।

# ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଭାଜପାର ମୌନ ଧାରଣା

ସମ୍ବଲପୁର/ସୁନ୍ଦରଗଡ଼, ୮।୧(ବ୍ୟୁରୋ/ଡି.ଏନ୍.ଏ.)

ଦେଶର ସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥା ପ୍ରତି କଂଗ୍ରେସ ଦଳର ଆଚରଣ ନିନ୍ଦନୀୟ। ଦଳର ରାଷ୍ଟ୍ରୀୟ ନେତାଙ୍କ ଇଙ୍ଗିତରେ ପଞ୍ଜାବର କଂଗ୍ରେସ ସରକାର ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ପ୍ରତି ଅବହେଳା କରିଥିଲେ। ଯଦ୍ୱାରା ପ୍ରଧାନମନ୍ତ୍ରୀ ଯିବା ପଥକୁ ଆନ୍ଦୋଳନକାରୀମାନେ ଅବରୋଧ କରି ରଖିଥିଲେ। ଏହାର ପ୍ରତିବାଦରେ ସମ୍ବଲପୁର ଜିଲା ଭାଜପା ପକ୍ଷରୁ ଶନିବାର ହାୱା ମଇଦାନ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଏକ ଘଣ୍ଟିଆ ମୌନ ଧାରଣା ଦେଇଥିଲେ। ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମଚନ୍ଦ୍ର ମେହେର, ଦାମୋଦର କର, ଜିଲା ଉପସଭାପତି ଫଣୀଭୂଷଣ ମିଶ୍ର, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, କ୍ଷେତ୍ରୀୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲା ଗଣମାଧ୍ୟମ ସଂଯୋଜକ ସଂଜୟ କୁମାର ଷଡଙ୍ଗୀ, ଜିଲା ପ୍ରବକ୍ତା ଅରବିନ୍ଦ ନାୟକ, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି, ମହିଳା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ସାମିଲ ହୋଇଥିଲେ। ସୁନ୍ଦରଗଡ ଭାଜପା ସାଙ୍ଗଠନିକ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦିଆଯାଇଥିଲା। ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ଜିଲା ସାଧାରଣ ସଂପାଦକ ସୁଖଲାଲ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁଯୁମୁରାରେ ଏମ୍‌ପିଙ୍କ ଜନଶୁଣାଣି

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗସ୍ତରେ ଶୁକ୍ରବାର ସମ୍ବଲପୁର ଲୋକସଭା ସଦସ୍ୟ (ଏମ୍‌ପି) ନିତେଶ ଗଙ୍ଗଦେବ ଯାଇ ଡଙ୍ଗାପାଲ ଗ୍ରାମରେ ଜନଶୁଣାଣି କରିଛନ୍ତି। ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରି ସମାଧାନ କରିଛନ୍ତି। ଡଙ୍ଗାପାଲ ଗ୍ରାମରେ ବହୁ ଦିନରୁ ଦାବି ହେଉଥିବା ଏକ କଲ୍ୟାଣ ମଣ୍ଡପ ପାଇଁ ୫ଲକ୍ଷ ଟଙ୍କା ଦେଇଥିବା ଘୋଷଣା କରିଥିଲେ। ସେହିପରି ଉଠା ଜଳସେଚନ, ପାନୀୟ ଜଳ ସମସ୍ୟା, ବିଦ୍ୟୁତ୍ ସମସ୍ୟା ଦୂର ହେବା ସହ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯୁଯୁମୁରା ମଣ୍ଡଳ ସଭାପତି ଓମ ପ୍ରକାଶ ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଯୁବ ନେତା ଜୟନ୍ତ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ଏମ୍‌ପି ପ୍ରତିନିଧି ମହନ ଦାଶ, ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବେହେରେନବସାରେ ଗ୍ରାମାଞ୍ଚଳ କ୍ରିକେଟ

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲିପିଣ୍ଡା ପଞ୍ଚାୟତ ବେହେରେନ ବସା ଗ୍ରାମରେ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁଯୁମୁରା ତସିଲଦାର ଅଭିଶେଷ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ଯୁବ ସମ୍ପାଦକ ବିଜୟ ବିଶ୍ୱାଳ, ବୀରେନ୍ଦ୍ର ଭୋଇ, ଟଙ୍କଧର ପ୍ରଧାନ, ବିକାଶ ପ୍ରଧାନ, ସୁରେନ୍ଦ୍ର ଧରୁଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ୩ ଦିନ ଧରି ପ୍ରତିଯୋଗିତା ହେବ। ପ୍ରଥମ ଦିନରେ ୩ଟି ମ୍ୟାଚ ହୋଇଥିଲା। ଗ୍ରୁପ 'ଏ'ରୁ ଟାଙ୍ଗରପାଲି ଗ୍ରାମକୁ ହରାଇ ବଡରମା ଗ୍ରାମ ଫାଇନାଲକୁ ଯାଇଛି। ଆଦିତ୍ୟ ବିଶ୍ୱାଳ, ମୁକୁନ୍ଦ ଧରୁଆ ଖେଳ ପରିଚାଳନା କରିଥିବା ବେଳେ ସାନନ୍ଦ ରଣା ସ୍କୋର କାର୍ଯ୍ୟ ସମ୍ପାଦନା କରିଥିଲେ। ଆୟୋଜକ ସମଲେଶ୍ୱରୀ କ୍ରିକେଟ କ୍ଲବର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କୁ ଟିକାକରଣ

କୁଚିଣ୍ଡା, ୮।୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁରୁରାଚୁଆଁ ଜୁନିୟର କଲେଜରେ ଶନିବାର ଛାତ୍ରୀଛାତ୍ରଙ୍କୁ କୋଭିଡ୍ ଟିକାକରଣ କରାଯାଇଛି। ଶୁକ୍ରବାର ଯୁକ୍ତଦୁଇର ଦ୍ୱିତୀୟ ବର୍ଷର ୮୭ଜଣ ଛାତ୍ରୀଛାତ୍ରଙ୍କୁ ଟିକା ଦିଆ ଦିଆଯାଇଥିବା ବେଳେ, ଶନିବାର ଯୁକ୍ତ ଦୁଇ ପ୍ରଥମ ବର୍ଷର ୫୭ ଛାତ୍ରୀଛାତ୍ରଙ୍କୁ କୋଭାକ୍ସିନ ଟିକା ଦିଆଯାଇଥିବା କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି ବଡ଼ଗାଁ କପ୍ କ୍ରିକେଟ ଫାଇନାଲ

ବଡଗାଁ,୮।୧(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ମିନି ଷ୍ଟାଡିୟମରେ ଗତ ୨୮ତାରିଖରୁ ଆରମ୍ଭ ହୋଇଥିବା ବଡ଼ଗାଁ କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେବ। ପ୍ରଥମ ସେମି ଫାଇନାଲ ମ୍ୟାଚରେ ଓୱାଇସିସି ରାଉରକେଲା ବାସନ୍ତୀ କଲୋନୀ ,ରାଉରକେଲା ଚେଲେଞ୍ଜରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା ବେଳେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଝାରସୁଗୁଡ଼ା ମାଇନିଙ୍ଗ ଷ୍ଟାର୍ ୬୨ରନରେ ଅଲ ଆଉଟ ହୋଇଥିଲେ। ବିପକ୍ଷରେ ରାଉରକେଲା ଡବ୍ଲୁପିସିଟି ତିନ ଉଇକେଟ ହରାଇ ବିଜୟୀ ହୋଇଛି। ରବିବାର ଓୱାଇସିସି ଓ ଡବ୍ଲୁପିସିଟି ମଧ୍ୟରେ ଫାଇନାଲ ମ୍ୟାଚ ହେବ। ପ୍ରଥମ ସେମି ଫାଇନାଲ ମ୍ୟାଚରେ ଓୱାଇସିସର ରଣଜୀ ଖେଳାଳି ଅଂଶୁମାନ ଗୋପ ୩୪ ବଲରେ ୬୨ ରନ କରିଥିଲେ।

## ଅଗ୍ନିଶମ କର୍ମଚାରୀଙ୍କ ପରଲୋକ

କୁତ୍ରା,୮।୧ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଅଗ୍ନିଶମ କାର୍ଯ୍ୟାଳୟର କର୍ମଚାରୀ ରାମଚନ୍ଦ୍ର ବେହେରାଙ୍କ (୫୩) ଶୁକ୍ରବାର ରାତି ଗୋଟାଏରେ ଦେବଗଡସ୍ଥିତ ତାଙ୍କ ବାସଭବନରେ ଠାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ମେଳାପୀ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ଉଦ୍ୟମରେ କୁତ୍ରା ଅଗ୍ନିଶମ କାର୍ଯ୍ୟାଳୟର ଚତୁଃପାର୍ଶ୍ୱ ସବୁଜମୟ ହୋଇପାରିଥିଲା। ତାଙ୍କ ବିୟୋଗରେ ଭରତ କୁମାର ସିଂ, ଧନଞ୍ଜୟ ଜେନା, ଫିରୋଜ ଖାଖା, ଏସ. ଭୋଇ, ଭଗବାନ କିଶାନ, କୀର୍ତ୍ତନ ଧରୁଆ, ଜଗଦୀଶ କିଶାନ, ବିପିନ କିଶାନ ଶୋକ ପ୍ରକାଶ କରିଛନ୍ତି।

# ଶିଳ୍ପାନୁଷ୍ଠାନରେ ଖୋଲିଲା ଆଇସୋଲେଶନ ସେଣ୍ଟର

ଝାରସୁଗୁଡା ଅଫିସ୍,୮।୧

ଝାରସୁଗୁଡା ଜିଲାରେ କରୋନା ସଂକ୍ରମଣ କାୟା ବିସ୍ତାର କରିଚାଲିଛି। ଜିଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ତରଫରୁ କେତେକ କୋଭିଡ୍ ନିୟମକୁ କଡାକଡି କରି ତଦାରଖ ଟିମ୍‌କୁ ବୃଦ୍ଧି କରିବା ସହିତ ଅଧିକ କ୍ରିୟାଶୀଳ କରାଯାଇଛି। ବିଭିନ୍ନ ଶିଳ୍ପାନୁଷ୍ଠାନରେ ପଜିଟିଭ ସଂଖ୍ୟା ଅଧିକ ଦେଖାଦେଇଛି। ଏଥିମଧ୍ୟରେ ଓପିଜିସି କଲୋନୀରେ ୬୨, ବେଦାନ୍ତ କମ୍ପାନୀରେ ୬୬ ଓ ଟିଆର୍‌ଏଲ୍ କ୍ରୋସାକୀରେ ୨୫କୋଭିଡ୍ ପଜିଟିଭ୍ ଦେଖାଦେଇଛି। ଏଭଳି ସ୍ଥିତିରେ ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ତରଫରୁ ୨୦ରୁ ଊର୍ଦ୍ଧ୍ୱ ଅଞ୍ଚଳକୁ କଣ୍ଟେନମେଣ୍ଟ କରାଯାଇଛି। ଏଥିମଧ୍ୟରେ ଓପଜିସି କଲୋନୀ ଓ ବେଦାନ୍ତ କମ୍ପାନୀର କେତେକ ଅଞ୍ଚଳକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ଏହିସବୁ କମ୍ପାନୀ ତରଫରୁ ନିଜ ଅଂଚଳରେ ଆଇସୋଲେଶନ ସେଣ୍ଟର କରାଯାଇ ସଂକ୍ରମିତଙ୍କୁ ସେଠାରେ ରଖାଯାଇ ଚିକିତ୍ସା କରାଯାଉଛି। ଆଉ କେତେକ ହୋମ୍ ଆଇସୋଲୋଶନରେ ରହି ଚିକିତ୍ସିତ ହେଉଛନ୍ତି। ଓପିଜିସିର ବନହରପାଲି ସ୍ଥିତ ଇବ୍‌ଥର୍ମାଲରେ କରୋନା ସଂକ୍ରମଣ ବଢିଚାଲିଛି। ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ତରଫରୁ ଶନିବାର ଲଖନପୁର ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ,ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ରଶ୍ମିତା ବେହେରା,ଏଏସ୍‌ଆଇ ସନ୍ତୋଷ ବେହେରା, ଓପିଜିସି ଅଧିକାରୀ ଏନ୍‌ଏନ୍ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ କଲୋନୀକୁ କଣ୍ଟେନମେଣ୍ଟ କରିଛନ୍ତି। କଲୋନୀର ବିଭିନ୍ନ ସ୍ଥାନରେ ବାଉଁଶରେ ବ୍ୟାରିକେଟ୍ କରାଯାଇଛି।



# ମୃତଦେହ ସତ୍କାର କଲେ ଜିଲାପାଳ,ଏସ୍‌ପି

ସମ୍ବଲପୁର,୮।୧(ବ୍ୟୁରୋ)

ସମ୍ବଲପୁର ସମ୍ବଳ ଅନୁଷ୍ଠାନ ପକ୍ଷରୁ ଅଜଣା ମୃତଦେହ ସତ୍କାର ସଂଖ୍ୟା ଶନିବାର ୫ଶହ ପହଞ୍ଚିଯାଇଛି। କମଳିବଜାର ସ୍ୱର୍ଗଦ୍ୱାରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଏସ୍‌ପି ବାତୁଲା ଗଙ୍ଗାଧର ଯୋଗଦେଇ ମୃତଦେହ ସତ୍କାର କରିଥିଲେ। ଏହା ସହ ସମ୍ବଳ ଅନୁଷ୍ଠାନକୁ ଉତ୍ସାହିତ କରିଥିଲେ। ଜିଲାପାଳ ପରିଡା କହିଥିଲେ ଯେ, ଏହା ଏକ ମହତ୍ କାର୍ଯ୍ୟ। ଆଗକୁ ଏହି କାମ ଜାରି ରହୁ। ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ସେହିପରି ଏସ୍‌ପି ଗଙ୍ଗାଧର କହିଛନ୍ତି ଯେ, ସମ୍ବଳ ଅନୁଷ୍ଠାନକୁ ସାଧୁବାଦ। ସେମାନେ ଅଜଣା ବ୍ୟକ୍ତିଙ୍କ ମୃତଦେହ ସତ୍କାର କରୁଛନ୍ତି। ଆଗକୁ ଅନ୍ୟ ସାମାଜିକ କାର୍ଯ୍ୟରେ ପ୍ରଶାସନ ଓ ଲୋକମାନଙ୍କୁ ସହଯୋଗ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ଉମାକାନ୍ତ ରାଜ, ସମ୍ବଳ ଅନୁଷ୍ଠାନର କାଳିଦାସ ପଣ୍ଡା, ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ପଞ୍ଚାନନ ତ୍ରିପାଠି, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ସନ୍ତୋଷ କୁମାର ଦାସ, ଆଶୋକ ଜଳାନ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସୁଧୀର ପୂଜାରୀ ଭଳି ସାମାଜିକ କର୍ମୀ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ ଯେ, ଟାଉନଥାନା ଅନ୍ତର୍ଗତ ମାଳିପଡା ନିକଟସ୍ଥ ଏକ ବ୍ରିଜ ତଳେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ପଡି ରହିଥିଲା। ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ଶନିବାର ୭୨ ଘଣ୍ଟା ପୂରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ସତ୍କାର କରାଯାଇଛି।



ସମ୍ବଲପୁର ସ୍ୱର୍ଗଦ୍ୱାରରେ ଜିଲାପାଳ ଓ ଏସ୍‌ପି ମୃତଦେହ ସତ୍କାର କରୁଛନ୍ତି।

